# ଏକକ ୨ ଶିକ୍ଷଣ ଓ ଶିକ୍ଷାଦାନରେ ବିଭିନ୍ନ ପନ୍ଥା

ଟିପ୍ପଣୀ

## ସଂରଚନା

୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାର ବିଭିନ୍ନ ପନ୍ଥା

- ୨.୨.୧ ଶିକ୍ଷକ-କୈନ୍ଦ୍ରିକ ପନ୍ଥା
- ୨.୨.୨ ବିଷୟ-କୈନ୍ଦ୍ରିକ ପନ୍ଥା
- ୨.୨.୩ ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା
- ୨.୨.୪ ଦକ୍ଷତା ଭିତ୍ତିକ ପନ୍ଥା
- ୨.୨.୫ ସଂଗଠନାତ୍ମକ ପନ୍ଥା

୨.୩ ପନ୍ଥାଗୁଡ଼ିକ ମଧ୍ୟରେ ତୁଳନା

୨.୪ ସାରାଂଶ

୨.୫ ଆଦର୍ଶ ଉତ୍ତର

୨.୬ ସାରାଂଶ

୨.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୨.୮ ପାଠାନ୍ତ ପ୍ରଶ୍ନାବଳୀ

## ୨.୦ ଉପକ୍ରମ

ଏହି ପାଠ୍ୟକ୍ରମର ପ୍ରଥମ ଏକକରେ ଆପଣମାନେ, ଶିକ୍ଷଣ ଓ ଶିକ୍ଷାଦାନ ସହିତ ଯୋଡ଼ି ହୋଇଥିବା ତଥ୍ୟ, ପ୍ରକ୍ରିୟା ଏବଂ ଅବଧାରଣା ଆଦିର ଅଧ୍ୟୟନ କରିଛନ୍ତି । ଜଣେ ଶିକ୍ଷକ ଭାବରେ, ନିଜ ଅନୁଭୂତି ତଥା ଯାହା ଆପଣମାନେ ପୂର୍ବ ପାଠରୁ ଶିଖିଛନ୍ତି, ସେଥିରେ ଆପଣ ଏକମତ ହେବେ, ଯେ ପ୍ରତ୍ୟେକ ପିଲା ଅନ୍ୟ ପିଲାଠାରୁ ଶିକ୍ଷଣ ଢଙ୍ଗରେ ଭିନ୍ନ ଅଟନ୍ତି । ସମୟ ଓ ପରିସ୍ଥିତି ଉପରେ ନିର୍ଭର କରି, ପିଲା ଶିକ୍ଷଣର ବିଭିନ୍ନ କୌଶଳକୁ

ଟିପ୍ପଣୀ

ଗ୍ରହଣ କରିଥାଏ । ତେଣୁ, ପିଲାଙ୍କର ଶିକ୍ଷଣର ଏହି ବିଭିନ୍ନ କୌଶଳ ଓ ଢଙ୍ଗକୁ ଆଧାରକରି ଶିକ୍ଷାଦାନ କରିବା ଏକ ଖୁବ୍ ଆହ୍ୱାନମୂଳକ କାମ । ଏହା ଆପଣମାନେ ଅନୁଭବ କରୁଥିବେ । ଶ୍ରେଣୀଗୃହର ଶିକ୍ଷାଦାନ ପାଇଁ କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ଦଳ/ସମୂହ, ପ୍ରତିଟି ପିଲାକୁ ସମାନ ଭାବରେ ସୁବିଧା ଯୋଗାଇ ପାରେନାହିଁ । ଏହାକୁ ଏଡେଇ ନେବାପାଇଁ, ଆପଣ ବିଭିନ୍ନ ପ୍ରକାର ପଦ୍ଧତିକୁ କିପରି ସମନ୍ୱୟ କରିବେ ଓ ଉଚିତ ରୂପେ ଭିନ୍ନତା ଆଣି ପ୍ରତ୍ୟେକ ପିଲାର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବେ ତାହା ଜାଣିବା ଦରକାର । ଅନ୍ୟ ଅର୍ଥରେ ଶିକ୍ଷଣ – ଶିକ୍ଷାଦାନ ପାଇଁ ବିଭିନ୍ନ ପ୍ରକାରର ପନ୍ଥା ଅଛି ଯେପରି, ଦକ୍ଷତା-କୈନ୍ଦ୍ରିକ ପନ୍ଥା ଓ ସଂଗଠନ-ଭିତ୍ତିକ ପନ୍ଥା ଶିକ୍ଷକ କୈନ୍ଦ୍ରିକ ପନ୍ଥା, ବିଷୟ କୈନ୍ଦ୍ରିକ ପନ୍ଥା । ଏହି ଏକକରେ ଉପରୋକ୍ତ ପନ୍ଥା ବିଷୟରେ ଆଲୋଚନା କରାଯାଇଛି ଫଳରେ ଆପଣ ଆପଣଙ୍କ ପିଲାଙ୍କର ପାରସ୍ପରିକ କ୍ରିୟାରେ ପିଲାଙ୍କର ଲକ୍ଷଣ ଆବଶ୍ୟକତାକୁ ବୁଝି ଓ ଜାଣି, ପ୍ରଭାବପୂର୍ଣ୍ଣ ଶିକ୍ଷଣ ପାଇଁ ଉପଯୁକ୍ତ ପଦ୍ଧତି ଓ ଉପାୟ ଗ୍ରହଣ କରିପାରିବେ ।

ଏହି ଅଧ୍ୟାୟରେ ଦିଆଯାଇଥିବା ଅବଧାରଣା ଗୁଡ଼ିକୁ ବୁଝିବା ପାଇଁ ଆପଣଙ୍କୁ ପ୍ରାୟ ୧୪ ଘଣ୍ଟାର ଅଧ୍ୟୟନ ସମୟ ଦରକାର ।

**୨.୧ ଶିକ୍ଷଣ ଉଦ୍ଦେଶ୍ୟ**

ଏହି ଅଧ୍ୟାୟଟିକୁ ପଢ଼ି ସାରିବା ପରେ ଆପଣ :

- ଶିକ୍ଷକ-କୈନ୍ଦ୍ରିକ ପନ୍ଥା, ବିଷୟ-କୈନ୍ଦ୍ରିକ ପନ୍ଥା, ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା ସବୁର ବିଶେଷତ୍ୱକୁ ବର୍ଣ୍ଣନା କରିପାରିବେ ।
- ଶିକ୍ଷାଦାନ-ଶିକ୍ଷଣ ପରିସ୍ଥିତିର ଆବଶ୍ୟକତା ଅନୁସାରେ ଏଗୁଡ଼ିକର ବ୍ୟବହାର ବର୍ଣ୍ଣନା କରିପାରିବେ ।
- ଉଦାହରଣ ସହ କାର୍ଯ୍ୟଭିତ୍ତିକ ଶିକ୍ଷଣ ବର୍ଣ୍ଣନା କରିପାରିବେ ।
- କୌଶଳ ଓ ଦକ୍ଷତା ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବେ ।
- ଶିକ୍ଷଣ ଓ ଶିକ୍ଷାଦାନରେ ଜ୍ଞାନ ସଙ୍ଗଠନ ପନ୍ଥାର ବିଶେଷତ୍ତ୍ୱ ଓ ଉପଯୋଗିତାକୁ ବର୍ଣ୍ଣନା କରିପାରିବେ ।
- ଶିକ୍ଷଣ ଓ ଶିକ୍ଷାଦାନରେ ଦକ୍ଷତାଭିତ୍ତିକ ଉପାୟର ବିଶେଷତ୍ୱ ଓ ଉପଯୋଗୀତାକୁ ବାଖ୍ୟା କରିପାରିବେ ।
- ଶିକ୍ଷଣ ଶିକ୍ଷାଦାନର ବିଶେଷତା, ଶିକ୍ଷଣ ପାଇଁ ଉପଯୋଗୀତା, ଦୃଢ଼ୀକରଣ ଓ ଦୁର୍ବଳତାକୁ ଆଧାର କରି,ଳ ଶିକ୍ଷଣ ଓ ଶିକ୍ଷାଦାନର ବିଭିନ୍ନ ଉପାୟଗୁଡ଼ିକୁ ତୁଳନା କରିପାରିବେ ।

## ୨.୨ ଶିକ୍ଷଣ ଓ ଶିକ୍ଷାଦାନର ପନ୍ଥା

ଜଣେ ଛାତ୍ର ଓ ଆଉ ଜଣେ ଶିକ୍ଷକ ଭାବରେ ଶ୍ରେଣୀକକ୍ଷର କାର୍ଯ୍ୟକ୍ରମ ସଂପର୍କରେ ଆପଣଙ୍କର ବିବିଧ ଅନୁଭୂତି ରହିଛି । ଆସନ୍ତୁ କିଛି ସମୟ ପାଇଁ, ଶ୍ରେଣୀର ଗଠନ ଓ ଗତିବିଧି ବିଷୟରେ ଚିନ୍ତା କରିବା । ଗୋଟିଏ ଶ୍ରେଣୀ ହେଉଛି ପ୍ରାୟ ସମାନ ବୟସର କେତେଗୁଡ଼ିଏ ପିଲାଙ୍କୁ ନେଇ ଜଣେ ଶିକ୍ଷକ ନିୟନ୍ତ୍ରଣ କରୁଥିବା ଗୋଟିଏ ସୁନିଶ୍ଚିତ ସ୍ଥାନ । ଏହା ଶ୍ରେଣୀଗୃହ ବା ଖୋଲାସ୍ଥାନ ମଧ୍ୟ ହୋଇଥାଏ । ସାଧାରଣତଃ ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ସମୟରେ କୌଣସି ଗୋଟିଏ ବିଷୟରୁ ଏକ ସ୍ୱତନ୍ତ୍ର ପ୍ରସଙ୍ଗ, ଶିକ୍ଷାଦାନ କରିଥାଏ । ଶ୍ରେଣୀରେ ତିନିଗୋଟି ମହତ୍ତ୍ୱପୂର୍ଣ୍ଣ ଦିଗ ରହିଛି ଯଥା : ଶିକ୍ଷାର୍ଥୀ, ଶିକ୍ଷକ ଓ ବିଷୟବସ୍ତୁ । ଶ୍ରେଣୀରେ ପିଲାଙ୍କର ଜ୍ଞାନ ଆହରଣ ପାଇଁ ସାମର୍ଥ୍ୟ ଓ ଶ୍ରେଣୀରେ ପଢ଼ାଯାଉଥିବା ଅବଧାରଣଗୁଡ଼ିକୁ ବୁଝିବା ଆଦି ଶିକ୍ଷଣ ଶିକ୍ଷାଦାନର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ । ଆପଣ ଏଥିରେ ସହମତ ହେବେ ଯେ ଶ୍ରେଣୀଗୃହ କାର୍ଯ୍ୟକ୍ରମର ଏଗୁଡ଼ିକ ସବୁଠୁ ସରଳ ବର୍ଣ୍ଣନା । ଆସନ୍ତୁ ଶିକ୍ଷକଙ୍କର ଶିକ୍ଷାଦାନ ପଦ୍ଧତିଗୁଡ଼ିକୁ ଦେଖିବା ।

ଆପଣମାନଙ୍କ ଶିକ୍ଷକମାନେ ଆପଣଙ୍କୁ କିଭଳି ପଢ଼ାଉଥିଲେ ଏବଂ ଗୋଟିଏ ଶ୍ରେଣୀରେ ଆପଣ କିଭଳି ପଢ଼ାନ୍ତି ସେ ବିଷୟରେ ଭାବି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

- ଯେତେବେଳେ ଶିକ୍ଷକ ଶ୍ରେଣୀରେ / ନିର୍ଘଣ୍ଟରେ ବିଭିନ୍ନ ପ୍ରସଙ୍ଗ ଓ ବିଭିନ୍ନ ବିଷୟରେ ଶ୍ରେଣୀରେ ପଢ଼ାନ୍ତି ସେ ଏ ଗୋଟିଏ ପ୍ରକାର ପଦ୍ଧତି ଅନୁସରଣ କରନ୍ତି କି ?
- ଶିକ୍ଷାଦାନକୁ ପ୍ରଭାବଶାଳୀ କରିବା ପାଇଁ, ଶିକ୍ଷକ କିପରି ଗୋଟିଏ ପଦ୍ଧତି ବା କେତେକ ପଦ୍ଧତିକୁ ମିଶାଇ ବାଛି ଥାଆନ୍ତି ?

**ସ୍ଥିତି :** ୧, ମିସ୍ ସୁସ୍ମିତା, ଯିଏ ପ୍ରାଥମିକ ଶ୍ରେଣୀରେ, ଗଣିତ ପଢ଼ାନ୍ତି, ସେ ବିଭିନ୍ନ ପ୍ରକାରର ପଦ୍ଧତି ଓ ଶିକ୍ଷାଦାନ ଶୈଳୀ ବ୍ୟବହାର କରିଥାଆନ୍ତି ଯଥା :-ଗୋଟିଏ ପିରିୟଡ଼ରେ ବିଭିନ୍ନ ପ୍ରକାରର ପଦ୍ଧତି ଓ ଶିକ୍ଷାଦାନଶୈଳୀ ବ୍ୟବହାର କରିଥାଆନ୍ତି

ଟିପ୍ପଣୀ

ଯଥା :- ଗୋଟିଏ ପିରିୟଡ଼ରେ କୌଣସି ଗାଣିତିକ ଧାରଣା ଶିକ୍ଷାଦେବା ସମୟରେ ବିଭିନ୍ନ ପ୍ରକାରର ଚିତ୍ର ଓ ନମୁନା ପ୍ରଦର୍ଶନ କରି ବର୍ଣ୍ଣନା କରନ୍ତି, ପିଲାଙ୍କୁ ସମସ୍ୟା ସମାଧାନ କରିବାକୁ କହିଥାନ୍ତି, କୌଣସି ସମୟରେ ଗପ କରିଥାଆନ୍ତି । ତାଙ୍କୁ ଯେତେବେଳେ ପଚରାଗଲା ସେ ଏତେଗୁଡ଼ିଏ ପଦ୍ଧତିକୁ କାହିଁକି ମିଶାଇ ଥାଆନ୍ତି, ତାଙ୍କର ଉତ୍ତର ଅପରିବର୍ତ୍ତନୀୟ ଥିଲା । ସେ କହିଲେ "ପ୍ରସଙ୍ଗଟି ପଢ଼ାଇବା ସମୟରେ ପ୍ରତ୍ୟେକ ପିଲାଙ୍କର ରୁଚି / ଆଗ୍ରହ ସ୍ତରକୁ ବଢ଼ାଇବା ପାଇଁ ସେ ଏହା କରନ୍ତି" କିନ୍ତୁ, ସେ କିପରି ଗୋଟିଏ ବା ଅନେକଗୁଡ଼ିଏ ପଦ୍ଧତିର ସମଷ୍ଟିକୁ ପସନ୍ଦ କଲେ ? ସେ କହିଲେ ଏ ସବୁ ଶିକ୍ଷଣ ପରିବେଶ ଓ ସ୍ଥିତି ଉପରେ ନିର୍ଭର କରେ ।" ସେ ଆହୁରି ମଧ୍ୟ କହିଲେ, ଛାତ୍ରଛାତ୍ରୀମାନେ ପଢ଼ିବା ପାଇଁ ତତ୍ପରତା ଆଶା କରାଯାଇଥିଲା । ଶିକ୍ଷଣ ସେମାନେ ବୁଝିଛନ୍ତି କି ନା, ପାଠ ଆଗକୁ ପଢ଼ିବାକୁ ଗଲାବେଳେ ସେହି ଆଗ୍ରହକୁ ଜାରି ରଖିଥାଆନ୍ତି ? ତେଣୁ, ଏହିସବୁ ପରିସ୍ଥିତିକୁ ନେଇ "ମୁଁ ପଦ୍ଧତିକୁ ପସନ୍ଦ କରିଅଛି ଓ ଆବଶ୍ୟକତା ଅନୁସାରେ ମୁଁ ପଦ୍ଧତିକୁ ସଙ୍ଗେ ସଙ୍ଗେ ପରିବର୍ତ୍ତନ ମଧ୍ୟ କରିଅଛି ।

ଆପଣଙ୍କର ମଧ୍ୟ ମିସ୍ ସୁସ୍ମିତା ପରି ସମାନ ଅନୁଭୂତି ରହିଥିବ । ଯଦିଓ, ଆପଣ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ପଢ଼ାଇବା ସମୟରେ ଦୈନିକ ପାଠ୍ୟଯୋଜନା କଲା ସମୟରେ, ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଶିକ୍ଷାଦାନ ପାଇଁ ଭାବିଥିବେ । ବେଳେବେଳେ ପରିସ୍ଥିତି ଉପରେ ନିର୍ଭର କରି ସେହି ପିରିୟଡ଼ରେ ଶିକ୍ଷାଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଆପଣ ପଦ୍ଧତିର ପରିବର୍ତ୍ତନ କରିଥାଆନ୍ତି ।

ଶ୍ରେଣୀଗୃହ କାର୍ଯ୍ୟପାଇଁ ତିନୋଟି ମୁଖ୍ୟ ଉପାଦାନକୁ ବିଚାର କରାଯାଇ ମୁଖ୍ୟତଃ ତିନି ପ୍ରକାରର ପନ୍ଥା ରହିଛି । ଯଥା-ଶିକ୍ଷକ-କୈନ୍ଦ୍ରିକ, ବିଷୟ-କୈନ୍ଦ୍ରିକ ଓ ଶିକ୍ଷାର୍ଥୀ-କୈନ୍ଦ୍ରିକ । ଏହାଛଡ଼ା ଆହୁରି ଅନ୍ୟ ଦୁଇଟି ପନ୍ଥା ଯଥା: ଦକ୍ଷତାଭିତ୍ତିକ ପନ୍ଥା ଓ ସଂରଚନା ପନ୍ଥା ଅଛି ଯାହାକୁ ଆଜିକାଲି ପ୍ରାଥମିକ ସ୍ତରରେ ବହୁଳ ଭାବେ ବ୍ୟବହାର କରାଯାଉଛି । ଶ୍ରେଣୀରେ ନିମ୍ନଲିଖିତ ତିନିଗୋଟି ଶ୍ରେଣୀ ଶିକ୍ଷଣ-ଶିକ୍ଷାଦାନ ପରିସ୍ଥିତି ୨, ୩ ଓ ୪କୁ ଅନୁମାନ କରିବାକୁ ଚେଷ୍ଟା କରନ୍ତୁ ।

ଟିପ୍ପଣୀ

**ସ୍ଥିତି-୨** : ୪ର୍ଥ ଶ୍ରେଣୀରେ ପିଲାମାନେ ସେମାନଙ୍କର ଉଚ୍ଚତା ଅନୁସାରେ ବସିଛନ୍ତି । ପୁଅଝିଅ ଅଲଗା ଅଲଗା ବସିଛନ୍ତି । ସେମାନେ ଶିକ୍ଷକଙ୍କ କଥାକୁ ଧ୍ୟାନ ଦେଉଛନ୍ତି, ଶିକ୍ଷୟିତ୍ରୀ ମିସ୍ ରେବା ମଣିଷ ଶରୀରରେ ଥିବା ପାକସ୍ଥଳୀର ଚିତ୍ର ଦେଖାଇ ତାହାର ବିଭିନ୍ନ ଅଂଶର କାର୍ଯ୍ୟ ସଂପର୍କରେ କହୁଛନ୍ତି । ପିଲାମାନେ ଚୁପ୍ ଚାପ୍ ହୋଇ ଶୁଣୁଛନ୍ତି ଓ ମିସ୍ ରେବା ଯାହା ଡାକୁଛନ୍ତି ତାକୁ ଟିପି କରି ଖାତାରେ ଲେଖୁଛନ୍ତି । ଯଦି କୌଣସି ପିଲାର ଏ ଦିଗରେ ଧ୍ୟାନ ନାହିଁ ବା ସେ ପାଖ ପିଲା ସଙ୍ଗେ କଥା ହେବାର ମିସ୍ ରେବା ଦେଖୁଛନ୍ତି ସେ ସେମାନଙ୍କୁ ପାଟି କରୁଛନ୍ତି, ତାକୁ ମନେ ପକାଇ ଦିଅନ୍ତି "ଚୁପଚାପ ହୋଇ ବସ ଓ ମୁଁ ଯାହା କହୁଛି ଶୁଣ" । "ଯଦି କୌଣସି ପିଲା ପଢ଼ାଇବା ସମୟରେ ପ୍ରଶ୍ନ ପଚାରୁଛନ୍ତି, ସେ ତାଙ୍କୁ ପାଠ ଶେଷରେ ପଚାରିବାକୁ ଅପେକ୍ଷା କର ବୋଲି କହୁଛନ୍ତି । ପାଠ୍ୟ ବର୍ଣ୍ଣନା  କରିସାରିବା ଓ ନୋଟ ଡାକି ସାରିବା ପରେ ମିସ୍ ରେବା କିଛି ସମୟ ପ୍ରଶ୍ନ ଓ ଉତ୍ତର କାର୍ଯ୍ୟକ୍ରମ ପାଇଁ ଦେଉଛନ୍ତି । ସେ ପିଲାମାନଙ୍କ ଭୁଲ୍‌କୁ ସୁଧାରିଥାନ୍ତି ଓ ସେ ଯେଉଁ ପିଲା ସଠିକ୍ ଉତ୍ତର ଦିଅନ୍ତି ତାକୁ ପ୍ରଶଂସା କରନ୍ତି ।

**ସ୍ଥିତି - ୩** : ଶ୍ରୀଯୁକ୍ତ ଅମିର୍ ପଞ୍ଚମ ଶ୍ରେଣୀରେ ଭାଷା ଶିକ୍ଷାଦାନ କରୁଛନ୍ତି । ତାଙ୍କର କେବଳ ସାଧନ ସାମଗ୍ରୀ ଭାବରେ ପ୍ରସ୍ତାବିତ ଭାଷା ପାଠ୍ୟପୁସ୍ତକ ରହିଛି । ଗୋଟିଏ ହାତରେ ପୁସ୍ତକଟିକୁ ଧରିଛନ୍ତି ଓ ଅନ୍ୟ ହାତରେ ଚକ୍ ଖଣ୍ଡିଏ ଧରିଛନ୍ତି । ସେ ସେହି ପିରିୟଡରେ ଏକ ଛୋଟ ଅଂଶ ଯେତିକି ସେ ସାରିବାକୁ ଭାବିଛନ୍ତି ସେତକ, ଉଚ୍ଚ ସ୍ୱରରେ ପଢୁଛନ୍ତି । ସେ ଯେପରି ଭାବେ ପଢୁଥିଲେ ସେହିପରି ଉଚ୍ଚ ସ୍ୱରରେ ପୁନରାବୃତ୍ତି କରି ପଢ଼ିବାକୁ ପିଲାମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ସେ ମୂଖ୍ୟ ବିନ୍ଦୁ / ପାଠ୍ୟ ବିଷୟଗୁଡିକୁ ବୁଝାଇ ଓ ଅଧ୍ୟାୟଟିର ଶେଷରେ ଥିବା ପ୍ରଶ୍ନାବଳୀକୁ ପଚାରୁଥିଲେ । ଯେତେବେଳେ କୌଣସି ଛାତ୍ର/ଛାତ୍ରୀ ପ୍ରଶ୍ନ ପଚାରୁଥିଲେ, ଶ୍ରୀମାନ ଅମିର୍ ସେମାନଙ୍କୁ ସେହି ପ୍ରଶ୍ନ ସଂପର୍କିତ ଉତ୍ତରଥିବା ଅନୁଚ୍ଛେଦଟିକୁ ଚିହ୍ନାଇ ଦେଇ ଉତ୍ତର ଖୋଜିବାକୁ ଉପଦେଶ ନେଉଥିଲେ । ପାଠଦାନ ଶେଷରେ ପିଲାମାନଙ୍କୁ ପୁସ୍ତକ ଶେଷରେ ଥିବା ଅଭ୍ୟାସ ଅନୁଶୀଳନରୁ ସ୍ୱ-କାର୍ଯ୍ୟ କରିବାକୁ ଦିଅନ୍ତି । ସେ କେବେହେଲେ ପାଠ୍ୟ ପୁସ୍ତକରେ ଯାହା ଅଛି ତାଠାରୁ ବାହାରକୁ ଯାଆନ୍ତି ନାହିଁ ।

ଟିପ୍ପଣୀ

**ସ୍ଥିତି-୪ :** ମିସ୍ ସୀମା ୩ୟ ଶ୍ରେଣୀ ପିଲାଙ୍କୁ ନେଇ ସ୍ୱାଧୀନତା ଦିବସ ପାଳନ ପାଇଁ କାର୍ଯ୍ୟକ୍ରମର ଯୋଜନା କରିବାରେ ବ୍ୟସ୍ତ ଥିଲେ । ସେ ପିଲାଙ୍କଠାରୁ ବିଭିନ୍ନ ଧାରଣା ପାଇବା ପାଇଁ ତାଙ୍କୁ ଉତ୍ସାହିତ କରୁଥିଲେ ଓ ଆୟୋଜନ ପାଇଁ ଯୋଜନା କରୁଥିଲେ । ପିଲାମାନେ ସେମାନଙ୍କ ମଧ୍ୟରେ ବିଭିନ୍ନ ଦଳଗଠନ କରୁଥିଲେ ଓ ବିଭିନ୍ନ କାର୍ଯ୍ୟ କରିବାକୁ ବାଣ୍ଟି ନେଉଥିଲେ । ଗୋଟିଏ ଦଳ ଶ୍ରେଣୀ ସଜାଇବା କାମ କରୁଥିଲା, ଅନ୍ୟ ଏକ ଦଳ ବିଭିନ୍ନ ଦେଶଭକ୍ତି ଗୀତ ଗାଇବାକୁ ସ୍ଥିର କରୁଥିଲେ, ଯେତେବେଳେ ଆଉ ଏକ ଦଳ ବିଭିନ୍ନ ମହାନ୍ ନେତାମାନଙ୍କ ଫଟୋ ସଂଗ୍ରହ କରିବାରେ ଲାଗିଥିଲେ । ଏହିଭଳି ମିସ୍ ସୀମା ସବୁ ସମୟରେ ପ୍ରତ୍ୟେକ ଦଳକୁ ଓ ଶ୍ରେଣୀକୁ ସଠିକ୍ ଭାବରେ ବିଭିନ୍ନ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାପାଇଁ ସାହାଯ୍ୟ କରୁଥିଲେ ।

ଉପରୋକ୍ତ ପରିସ୍ଥିତିର ପରିଣାମକୁ ଦେଖି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

---

**E-1 ଉପରୋକ୍ତ ତିନୋଟି ପରିସ୍ଥିତି ମଧ୍ୟରୁ କେଉଁଟି / କେଉଁଗୁଡ଼ିକ ଶିକ୍ଷକଙ୍କ ଦ୍ୱାରା ଅଧିକ ନିୟନ୍ତ୍ରିତ ?**

**E-2 କେଉଁ ପରିସ୍ଥିତିରେ ପିଲାମାନେ ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ କରିବାକୁ ନିଜକୁ ନିଜେ ସ୍ୱାଧୀନ ଅନୁଭବ କରୁଥିଲେ ?**

---

ପ୍ରଥମ ପରିସ୍ଥିତିରେ, ଶିକ୍ଷକ ସଂପୂର୍ଣ୍ଣ ଭାବରେ ଶ୍ରେଣୀକୁ ନିୟନ୍ତ୍ରଣ କରୁଥିଲେ । ତାତ୍ପର୍ଯ୍ୟ ଏହା କି, ଶିକ୍ଷକ ନିଜେ କାର୍ଯ୍ୟକର୍ମ ସଂପାଦନ କରୁଥିଲେ ବା ପିଲାମାନଙ୍କୁ କରିବାକୁ ନିର୍ଦ୍ଦେଶ ନେଉଥିଲେ । ଏହି ଶ୍ରେଣୀରେ ଶିକ୍ଷକଙ୍କ ଉପରେ ସବୁକିଛି ନିର୍ଭର କରୁଥିଲା ଓ ପିଲାମାନଙ୍କୁ କହିବାକୁ ଖୁବ୍ କମ୍ ଗୁରୁତ୍ୱ ଦିଆଯାଉଥିଲା । ଏହା ଏକ ଶ୍ରେଣୀର ଉଦାହରଣ, ଯେଉଁଠି ଶିକ୍ଷକ-କୈନ୍ଦ୍ରିକ ପନ୍ଥା ଅବଲମ୍ବନ କରାଯାଇଛି । ଦ୍ୱିତୀୟ ପରିସ୍ଥିତିରେ, ଉଭୟ ଛାତ୍ର/ଛାତ୍ରୀ ଓ ଶିକ୍ଷକ, ପଢାଯାଉଥିବା ପାଠ୍ୟ ପୁସ୍ତକରେ ପ୍ରକରଣ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ନିଶ୍ଚିତ ଭାବରେ କରୁଥିଲେ ଓ ଏକ ବିଷୟ-କୈନ୍ଦ୍ରିକ ପନ୍ଥା ପ୍ରଦର୍ଶନ କରୁଥିଲେ । ଶେଷ ପରିସ୍ଥିତି ଏପରି ଏକ ପରିସ୍ଥିତିକୁ ପ୍ରଦର୍ଶନ କରେ, ଯେଉଁଥିରେ ପିଲାମାନେ, ଏକ ଉଦ୍ଦେଶ୍ୟ ଦ୍ୱାରା ଆକର୍ଷିତ ହୋଇଥିଲେ ଓ ସ୍ୱକୃତ

ଭାବେ ଏକାଠି ହୋଇ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ଓ ପସନ୍ଦ କରୁଥିଲେ ଯାହା ଫଳରେ ସେମାନେ ଅନେକ କଥା ଶିଖିପାରୁଥିଲେ । ଏହା ଏକ ଶିକ୍ଷାର୍ଥୀ-କୈନ୍ଦ୍ରିକ ବା ଶିକ୍ଷଣ-କୈନ୍ଦ୍ରିକ ପନ୍ଥା ଅଟେ ।

ଏବେ ଆସନ୍ତୁ ଏହି ତିନିଗୋଟି ଉପାୟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ।

## ୨.୨.୧ ଶିକ୍ଷକ-କୈନ୍ଦ୍ରିକ ପନ୍ଥା :

ଶ୍ରେଣୀଗୃହ କାର୍ଯ୍ୟକଳାପରେ ଶିକ୍ଷକ ଏକ ମୂଖ୍ୟ କାରକ ଏହା ଶିକ୍ଷାର୍ଥୀ ଭାବରେ ଆମ ଅନୁଭୂତିରୁ ବା ଅନ୍ୟଭାବରେ ପ୍ରାୟତଃ ବିଶ୍ୱାସ କରିଥାଉ । ଶ୍ରେଣୀଗୃହରେ ବସିବା ବ୍ୟବସ୍ଥାଠାରୁ ଆରମ୍ଭ କରି କେତେବେଳେ ଓ କ'ଣ ପଢ଼ାଯିବ, ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରଶ୍ନ ପଚାରିବା ଓ ଏହିପ୍ରକାର ସବୁ କିଛି ଶିକ୍ଷକ ସ୍ଥିର କରିଥାଆନ୍ତି । ଏହି ଉପାୟରେ ମୁଖ୍ୟ ବିଶ୍ୱାସ ହେଉଛି, ଶିକ୍ଷକ ଯାହା ସବୁ ଜାଣିଛନ୍ତି ତାହା ଶିକ୍ଷାର୍ଥୀର ଜାଣିବା ଆବଶ୍ୟକ । ତେଣୁ ଶିକ୍ଷକ, କିଛି ଜ୍ଞାନ ଓ କୌଶଳ ପିଲାଙ୍କୁ ପାଖରେ ପହଞ୍ଚାଇଥାଏ । ଯିଏ ସମସ୍ତ ଜ୍ଞାନକୁ ନିଜ ମନ ଭିତରେ ସଂଗ୍ରହ କରି ରଖେ ଓ ଯେତେବେଳେ ଆବଶ୍ୟକ ହୁଏ ତାହାର ଉପଯୋଗ କରିଥାଏ । ତାହାକୁ ଆମେ 'ଉତ୍ତମ ଶିକ୍ଷାର୍ଥୀ' କହୁ । ଅନ୍ୟପଟେ 'ଦୁର୍ବଳ' ଶିକ୍ଷାର୍ଥୀର ଜ୍ଞାନ ସଂରକ୍ଷଣ କରିବା ଓ ଉପଯୋଗ କରିବାର ସାମର୍ଥ୍ୟର ଅଭାବ ରହିଥାଏ । ଅନ୍ୟ ଅର୍ଥରେ ସ୍ମୃତିରୁ ମନେ ପକେଇବା ଓ ଜ୍ଞାନର ଉପଯୋଗ କରିବା ଏହି ଉପାୟର ଦୁଇଟି ମହତ୍ତ୍ୱପୂର୍ଣ୍ଣ ପ୍ରକ୍ରିୟା ଅଟେ । *Paulo Friere* ଏକ ମହାନ୍ ଶୈକ୍ଷିକ ଚିନ୍ତକ ଏହି ପ୍ରକ୍ରିୟାର ପରିକଳ୍ପନା କରିଥିଲେ ଓ ଏହାକୁ 'ବ୍ୟାକିଙ୍ଗ୍ ଶିକ୍ଷା' (*Banking Education*) ନାମ ଦେଇଥିଲେ ।

**କ୍ରିୟାକଳାପ ୨.୧ :**

ଶିକ୍ଷାଦାନ ସମୟରେ ଅତିକମ୍‌ରେ ପାଞ୍ଚୋଟି ଶ୍ରେଣୀ ଅନୁଧ୍ୟାନ କରନ୍ତୁ । ଯେତେବେଳେ ଶିକ୍ଷକ ଶିକ୍ଷାଦାନ କରୁଥାଆନ୍ତି ଓ ଶିକ୍ଷକ ଓ ଶିକ୍ଷାର୍ଥୀ ଶ୍ରେଣୀରେ କ'ଣ କରୁଛନ୍ତି, ଏହିସବୁ ବିଷୟର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଶ୍ରେଣୀରେ ଏହି ଉପାୟର ଅନୁସରଣ ଦ୍ୱାରା ପଢ଼ାଉଥିବା ଶିକ୍ଷକଙ୍କୁ ପଚାରି ଏହି ଶିକ୍ଷାଦାନରୁ ମିଳୁଥିବାଲାଭର ତାଲିକା କରନ୍ତୁ ।

ଟିପ୍ପଣୀ

**ଶିକ୍ଷକ-କୈନ୍ଦ୍ରିକ ପନ୍ଥାର ବିଶେଷତ୍ୱ :**

ଶିକ୍ଷାଦାନ-ଶିକ୍ଷଣରେ, ଶିକ୍ଷକ-କୈନ୍ଦ୍ରିକ ପନ୍ଥାର କେତେକ ମହତ୍ତ୍ୱପୂର୍ଣ୍ଣ ବିଶେଷତ୍ୱ :

- ଶିକ୍ଷକଙ୍କ ପାଖରୁ ଶିକ୍ଷାର୍ଥୀ ପାଖରେ ଜ୍ଞାନ ପହଞ୍ଚିଥାଏ ।
- ଶିକ୍ଷଣ ଅପେକ୍ଷା, ଶିକ୍ଷାଦାନ / ସୂଚନା ପ୍ରଦାନ / ନିର୍ଦ୍ଦେଶନ ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ ।
- ନିଷ୍କ୍ରିୟ ଭାବରେ ଶୁଣିବା, ପଢ଼ିବା ଓ ଲେଖିବା ଓ ଶିକ୍ଷକଙ୍କ ଦ୍ୱାରା ପଢ଼ାଯାଇଥିବା ବିଷୟବସ୍ତୁ ପ୍ରସ୍ତୁତ କରିବା ବା ଶିକ୍ଷକଙ୍କ ନିର୍ଦ୍ଦେଶକୁ ମାନିନେବା ଆଦି ଉପରେ ଧ୍ୟାନ ଦିଆଯାଇଥାଏ ।
- ଶ୍ରେଣୀ ଗୃହରେ ଶିକ୍ଷାର୍ଥୀମାନଙ୍କର ଶ୍ରେଣୀ କାର୍ଯ୍ୟରେ ଅଂଶଗ୍ରହଣ, ଶିକ୍ଷକଙ୍କର ନିର୍ଦ୍ଦେଶରେ ହୋଇଥାଏ । ଅଧିକାଂଶ ସ୍ଥିତିରେ, ତର୍କ କରିବା, ଆଲୋଚନା କରିବା ଓ ପିଲାଙ୍କ ବିଚାରକୁ ପରସ୍ପର ସହ ଆଦାନପ୍ରଦାନ କରିବା ଆଦିରେ ଶିକ୍ଷକ ଖୁବ୍ କମ୍ ସୁଯୋଗ ଦେଇଥାଆନ୍ତି ।
- ଶିକ୍ଷକ ମୁଖ୍ୟତଃ ପାଠ୍ୟକ୍ରମ ବିଷୟବସ୍ତୁକୁ ଶେଷ କରିବାରେ ବ୍ୟସ୍ତ ରୁହନ୍ତି ।
- ଶିକ୍ଷକ କେବଳ ସଠିକ୍ ଉତ୍ତର ଉପରେ ଧ୍ୟାନ ଦିଅନ୍ତୁ ।
- ଶ୍ରେଣୀ କକ୍ଷ ପରିଚାଳନା ସଂପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ଅନୁଭବର ଯୋଗ୍ୟତା ଓ କେବେ କେବେ ତାଙ୍କର ଝୁଙ୍କ ଓ ଖାମଖିଆଲୀ ମନୋଭାବ ଉପରେ ନିର୍ଭର କରେ ।
- ଶ୍ରେଣୀ ଅନୁଶାସନର ସିଦ୍ଧାନ୍ତ ଏବଂ ଶ୍ରେଣୀରେ ଏହାର ପୁର୍ନବଳନ ସମ୍ପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ।
- ଶ୍ରେଣୀ / ବିଦ୍ୟାଳୟରେ ଅନୁଶାସନର ପ୍ରଭାବ ଚିହ୍ନ ଶିକ୍ଷାର୍ଥୀ ଶିକ୍ଷକଙ୍କର ପୂର୍ଣ୍ଣମାତ୍ରାରେ ଆଜ୍ଞାକାରୀଣ ହୋଇଥାଏ ।

- ଅଭିପ୍ରେରଣାର ବାହ୍ୟ ମାଧ୍ୟମ ଯେପରି ପ୍ରଶଂସା କରିବା, ପିଠି ଥାପୁଡେଇବା, ପୁରସ୍କାର ଓ ଦଣ୍ଡ ଆଦି ସାଧାରଣତଃ ଶିକ୍ଷକଙ୍କ ଦ୍ୱାରା ପ୍ରୟୋଗ କରାଯାଇଥାଏ ।

ଯଦି ଆପଣ ଶିକ୍ଷକ-କୈନ୍ଦ୍ରିକ ଉପାୟର ବିଶେଷତ୍ୱ ଗୁଡ଼ିକୁ ବିଶ୍ଳେଷଣ କରିବେ, ଆପଣ ସେହିପରି ଅନେକ ବିଶେଷତ୍ୱର ତାଲିକା କରିପାରିବେ । ବର୍ତ୍ତମାନ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

---

**E-3 ନିମ୍ନରେ କେଉଁଟି ଶିକ୍ଷକ-କୈନ୍ଦ୍ରିକ ଉପାୟର ବିଶେଷତ୍ୱ ନୁହେଁ ?**

(କ) ଶିକ୍ଷକ ଯାହା ଉଚ୍ଚାରଣ କରୁଛନ୍ତି ଶିକ୍ଷାର୍ଥୀମାନେ ତାହାକୁ ଲେଖୁଛନ୍ତି ।

(ଖ) ଶିକ୍ଷାର୍ଥୀମାନେ ଦଳରେ, ମାଟି (*Clay*) ଓ କାଗଜ ବ୍ୟବହାର କରି ବିଭିନ୍ନ ପ୍ରକାରର ନମୁନା ତିଆରି କରୁଛନ୍ତି ।

(ଗ) ଶିକ୍ଷାର୍ଥୀମାନେ ପଡ଼ିଆରେ ସମୂହ ଡ୍ରୀଲ କରୁଛନ୍ତି । ଆପଣଙ୍କ ଉତ୍ତର ପାଇଁ ଯେ କୌଣସି ଗୋଟିଏ କାରଣ ଦିଅନ୍ତୁ ।

---

**ଶିକ୍ଷକ-କୈନ୍ଦ୍ରିକ ପନ୍ଥାର ଉପକାରିତା :**

ଏହି ଉପାୟ ସଂପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ଉପରେ ନିର୍ଭର କରିଥାଏ । ଯଦି ଶିକ୍ଷକଙ୍କର ସକାରାତ୍ମକ ମନୋଭାବ ରହିଥାଏ, ତେବେ ସେ ନୂଆ କଥା ଶିକ୍ଷଣ ପାଇଁ ଉତ୍ସାହକୁ ଜାରି ରଖିପାରେ ଓ ନିଜର ଶିକ୍ଷାର୍ଥୀଙ୍କୁ ବିବିଧ ଅନୁଭବ ଦେବାରେ ସହାୟତା କରିଥାଏ ।

- ପ୍ରାପ୍ତ ଓ ଅଭିଜ୍ଞ ବ୍ୟକ୍ତି (ଶିକ୍ଷକ)ଙ୍କ ଠାରୁ ଶିକ୍ଷାର୍ଥୀମାନଙ୍କ ପାଖକୁ ପ୍ରେରଣ କରୁଥିବା ଜ୍ଞାନ ସୂଚନା ଏବଂ କୌଶଳ, ଅଧିକାଂଶ ବିବାଦୀୟ ରହେ ଯେ, ଏହା ଅଧିକାଂଶ ଛାତ୍ରଙ୍କ ପାଇଁ ଲାଭଦାୟକ ହୁଏ କି ନାହିଁ ବାରଣ ଅନେକ ସମୟରେ ଯେଉଁ ଛାତ୍ର ପରମ୍ପରାଗତ ଉପାୟରେ ଆସନ୍ତି ଏମାନେ ମଧ୍ୟ ତାଙ୍କର ପ୍ରତିଭା ହାସଲ କରନ୍ତି ।
- ଅନେକଗୁଡ଼ିଏ ନୂତନ, ଅପରିଚିତ ବା ଅମୂର୍ତ୍ତ ଅବଧାରଣା ରହିଛି ଯାହା ସହଜରେ ପଢ଼ାଯାଇପାରୁନାହିଁ । ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ସେଗୁଡ଼ିକ ଦିଆଯାଇଥାଏ । କୋମଳ ଶିକ୍ଷାର୍ଥୀମାନେ ସହଜରେ ବୁଝିପାରନ୍ତି ନାହିଁ । ଶିକ୍ଷକଙ୍କ ଦ୍ୱାରା ଏହି ଅବଧାରଣାଗୁଡ଼ିକର ସିଧାସଳଖ ବର୍ଣ୍ଣନା ହେଉଛି ଏକ ଉତ୍ତମ ଉପାୟ ଯାହା ଶିକ୍ଷାର୍ଥୀମାନଙ୍କ ବୁଝିବା ପାଇଁ ସାହାଯ୍ୟ କରିଥାଏ ।

ଟିପ୍ପଣୀ

- ଏପରି କେତେକ ସାମଗ୍ରୀ, ଉପକରଣ ଏବଂ ସ୍ଥିତି ଅଛି ଯାହା ଛୋଟ ପିଲାମାନେ ପରିଚାଳନା କରିବାରେ ଅବିଷ୍ଟ କହିଥାଏ ଓ ବିପଦ ପହଞ୍ଚାଇଥାଏ । ଏହି ପରିସ୍ଥିତିରେ ଶିକ୍ଷକ ନିଜେ ସବୁ ପରୀକ୍ଷା (*Experiment*) ପ୍ରଦର୍ଶନ କରିବା ସମୟରେ ସେହିସବୁ ସାମଗ୍ରୀ ଓ ଉପକରଣ ବ୍ୟବହାର କରି କାର୍ଯ୍ୟକ୍ରମ କରିବାକୁ ହୁଏ ।
- ଗୋଟିଏ ଖୁବ୍ ବଡ ଶ୍ରେଣୀରେ, ଯେଉଁଥିରେ ବହୁତ ସଂଖ୍ୟକ ପିଲା ପଢନ୍ତି, ସମୂହ ଶିକ୍ଷାଦାନରେ କେବଳ ଏହି ପଦ୍ଧତି ସମ୍ଭବପର ହୋଇଯାଏ ।

ଶିକ୍ଷକ-କୈନ୍ଦ୍ରିକ ପନ୍ଥାର ଦୋଷ ଦୁର୍ବଳତା – ଏହି ଉପାୟର ଅନେକଗୁଡ଼ିଏ ବ୍ୟତିକ୍ରମ ଦିଗ (*Limitation*) ଅଛି । ସେଥିମଧ୍ୟରୁ କେତେକ ହେଲା :

- ଯେହେତୁ ଶିକ୍ଷାଦାନରେ ଅଧିକାଂଶ ତଥ୍ୟ ଓ ଧାରଣାର ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ, ପିଲାମାନେ ତାହା ଭଲପାଆନ୍ତି ନାହିଁ ଓ ସେମାନଙ୍କ ମଧ୍ୟରେ ଆଗ୍ରହ ଆଣିପାରେ ନାହିଁ ।
- ଯଦି ଶିକ୍ଷକଙ୍କର ଜ୍ଞାନ ସୀମିତ ଅଟେ, ତେବେ ସେ କେବେହେଲେ ପ୍ରତ୍ୟେକ ପିଲାଙ୍କର ଶିକ୍ଷଣ ଆବଶ୍ୟକତା ପୂରଣ କରିପାରନ୍ତି ନାହିଁ ।
- ଏଥିରେ ପିଲାମାନଙ୍କ ମଧ୍ୟରେ ତର୍କ ଓ ଆଲୋଚନା କରିବାର ସୁଯୋଗ ମିଳିନଥାଏ ।
- ବଡ଼ ଶ୍ରେଣୀ ଓ ବହୁ ଶ୍ରେଣୀ ଶିକ୍ଷା ବ୍ୟବସ୍ଥାରେ ପିଲାଙ୍କୁ ବ୍ୟକ୍ତିଗତ ଧ୍ୟାନ ଦେବା ସହଜ ହୁଏନାହିଁ ।
- ଶିକ୍ଷକ କେବେହେଲେ ପିଲାଙ୍କର ଚିନ୍ତା କରିବାର କୌଶଳ ବିକଶିତ କରିବାକୁ କୌଣସି ସ୍ଥାନ ଦେଇ ନଥାଏ । ଫଳରେ ପିଲାମାନଙ୍କର ସୃଜନଶକ୍ତିର ଅବରୋଧ ହୋଇଥାଏ ।
- ମୂଲ୍ୟାୟନ ଅଧିକାଂଶତଃ ସମାପ୍ତିସୂଚକ (*Summative*) ହୋଇଥାଏ । ଏଥିରେ ଧାରାବାହିକ ଓ ନିରବଚ୍ଛିନ୍ନ ମୂଲ୍ୟାୟନ କରିବାର ସୁଯୋଗ ନଥାଏ, ଯାହାକି ଆଜିକାର ପରିସ୍ଥିତିରେ ଉପଯୋଗୀ ନୁହେଁ ।

- ଶିକ୍ଷକ ପାଠ୍ୟକ୍ରମ ପୂରା କରିବା ପାଇଁ ସୀମିତ ରୁହନ୍ତି । ପିଲା ଧାରଣାଗୁଡ଼ିକ ବୁଝନ୍ତୁ ବା ନ ବୁଝନ୍ତୁ ସେ ବାବଦରେ ଖୁବ୍ କମ୍ ଚିନ୍ତା କରିଥାଆନ୍ତି ।

ବର୍ତ୍ତମାନ, ଆପଣ ନିଜକୁ ନିଜେ ପରଖନ୍ତୁ ଓ ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅନ୍ତୁ ।

---

**E-4 କେତେକ ଉକ୍ତି ନିମ୍ନରେ ଦିଆଯାଇଛି । ଶିକ୍ଷକ କୈନ୍ଦ୍ରିକ ପନ୍ଥା ପାଇଁ କେଉଁଟି ସଠିକ ଦର୍ଶାନ୍ତୁ ।**

(କ) ଗୋଟିଏ ଶ୍ରେଣୀ ପାଇଁ ନିର୍ଦ୍ଧାରିତ ପାଠ୍ୟକ୍ରମ ସମୟ ଅନୁସାରେ ପୂରା କରାଯାଇପାରିବ ।

(ଖ) ଶିକ୍ଷାର୍ଥୀମାନେ ପଢ଼ିବାର ଉପଯୁକ୍ତ ସାମର୍ଥ୍ୟ ବିକାଶ କରିବେ ।

(ଗ) ଏହି ଉପାୟରେ ପଢ଼ିଥିବା ପିଲାମାନେ ଅଧିକ ଶୃଙ୍ଖଳିତ ।

ଅତି କମ୍‌ରେ ଆପଣଙ୍କ ଉତ୍ତରର ଗୋଟିଏ ଲେଖାଏଁ କାରଣ ଦର୍ଶାନ୍ତୁ ।

---

### ୨.୨.୨ ବିଷୟ-କୈନ୍ଦ୍ରିକ ପନ୍ଥା :

ବିଷୟ କୈନ୍ଦ୍ରିକ ପନ୍ଥାରେ, ମୁଖ୍ୟଭାବେ ବିଷୟବସ୍ତୁକୁ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରିବା ଉପରେ କେନ୍ଦ୍ରିତ କରାଯାଇଥାଏ । ଉଦାହରଣ ସ୍ୱରୂପ, ବିଷୟରେ ଥିବା ପ୍ରସଙ୍ଗ ଓ ଧାରଣାଗୁଡ଼ିକୁ ମହତ୍ୱ ଦିଆଯାଏ, ଏହାକୁ ନେଇ ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟକ୍ରମ ପର୍ଯ୍ୟବେସିତ ହୁଏ । ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ପାଠ୍ୟପୁସ୍ତକ ଓ ପାଠ୍ୟକ୍ରମକୁ ଦୃଢ଼ତାର ସହିତ ଅନୁକରଣ କରିବା ହେଉଛି ଅଧିକାଂଶ ବିଦ୍ୟାଳୟର ଏକ ସାଧାରଣ ଅଭ୍ୟାସ । ସବୁ ବିଷୟରେ ପାଠ୍ୟ ପୁସ୍ତକର ଆବଶ୍ୟକୀୟ ଅବଧାରଣା, ଉଦାହରଣ ଓ ଅଭ୍ୟାସକୁ ଭଣ୍ଡାର ଘର ରୂପରେ ମାନିନେଇ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ପାଇଁ ବ୍ୟବହାର କରିଥାଉ । ପ୍ରସ୍ତାବିତ ଅବଧାରଣାକୁ ଅଧିଗ୍ରହଣ କରିବାର ଯେ କୌଣସି ପଦ୍ଧତି ହୋଇପାରେ ।

ପାଠ୍ୟପୁସ୍ତକ ପାଠ୍ୟକ୍ରମର ଏକ ମୂର୍ତ୍ତିମନ୍ତରୂପ ହୋଇଯାଏ । ଯାହା ସବୁ ସେଥିରେ ତାହା ପଢ଼ାଯିବା ବିଧେୟ । ଏହା ଏକ ବିଧିବଦ୍ଧ ନିର୍ଦ୍ଦେଶିକା (*Methological guide*) ହୋଇଯାଇଥାଏ, ଯାହାକୁ ପଢ଼ାଯାଏ ଓ ଏଥିରେ ଥିବା କେତେକ ଭାଗକୁ ବାରମ୍ବାର ପଢ଼ି ସ୍ମରଣ କରିବାକୁ ପଡ଼େ । ଏଥିରେ ପ୍ରତ୍ୟେକ ପାଠର ଶେଷକୁ ଦିଆଯାଇଥିବା ପ୍ରଶ୍ନର ମୂଲ୍ୟାଙ୍କନ ପାଇଁ ନିର୍ଦ୍ଧାରିତ ହୋଇଥିବା ମୌଖିକ ଉତ୍ତର ଓ ଲେଖିବା ସମୟରେ ତାହାର ପୁନରାବୃତ୍ତି କରାଯିବା ଦରକାର ।

ଆସନ୍ତୁ ଜାତୀୟ ପାଠ୍ୟକ୍ରମ ରୂପରେଖ (୨୦୦୫) ଆଲୋଚନା ହୋଇଥିବା ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଆଲୋଚନା କରିବା । ବିଷୟ-କୈନ୍ଦ୍ରିକ ପନ୍ଥାର ପୃଷ୍ଠଭୂମିକୁ ନେଇ କେତେକ ପ୍ରମୁଖ ଲକ୍ଷଣଗୁଡ଼ିକ ନିମ୍ନରେ ଦିଆଯାଇଛି :

- ଶିକ୍ଷକଙ୍କ ପାଇଁ ପାଠ୍ୟପୁସ୍ତକ ହେଉଛି କେବଳ ଓ ଏକମାତ୍ର ସାଧନ ଏବଂ ମୁଖ୍ୟ ଉତ୍ସ ।
- ଶିକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ରତିଟି ଶବ୍ଦ, ବାକ୍ୟାଂଶକୁ ଉପସ୍ଥାପନ କରାଯାଇଥାଏ ।
- ପାଠ୍ୟପୁସ୍ତକର ଅବଧାରଣ / ବିଷୟବସ୍ତୁ ଶିକ୍ଷକଙ୍କ ପାଇଁ ଗୋଟିଏ ନିର୍ଦ୍ଦେଶିକା (*Guide*) ଯାହାକୁ ନେଇ ଶିକ୍ଷକ / ଶିକ୍ଷୟତ୍ରୀ ନିଜର ପଦ୍ଧତିକୁ ସ୍ଥିର କରିଥାଆନ୍ତି ।
- ଶିକ୍ଷାର୍ଥୀମାନଙ୍କୁ ବାରମ୍ବାର ପଢ଼ି ତଥ୍ୟ ସବୁ ସ୍ମରଣ କରିବାପାଇଁ ବାଧ କରାଯାଇଥାଏ ।
- ଶିକ୍ଷଣର ମୂଲ୍ୟାୟନ କରିବା ପାଇଁ, ପାଠ ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ପଚରାଯାଇଥାଏ ।
- ଶିକ୍ଷାର୍ଥୀମାନେ ଉଭୟ ମୌଖିକ ଓ ଲିଖିତ ଆକାରରେ ବହିରୁ ନକଲ କରି ପ୍ରଶ୍ନର ଉତ୍ତର ଦେଇଥାଆନ୍ତି ।
- ସେମାନେ ପାଠ୍ୟବସ୍ତୁର ଦିଆଯାଇଥିବା ଅବଧାରଣା ଓ ବିଷୟବସ୍ତୁ ଅବିକଳ ଭାବରେ ମୌଖିକ ଓ ଲିଖିତ ଆକାରରେ ଉତ୍ତର ଦେଇଥାଆନ୍ତି ।

**ବିଷୟ-କୈନ୍ଦ୍ରିକ ପନ୍ଥାର ବିଶେଷତ୍ୱ :**

ଏହି ପନ୍ଥାର ବିଶେଷତ୍ୱ ହେଲା :

- ବିଷୟବସ୍ତୁ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ତେଣୁ :- ଶ୍ରେଣୀରେ ପାଠ୍ୟ ପୁସ୍ତକର ଆଦାନ ପ୍ରଦାନ ହିଁ, ସବୁ ଶ୍ରେଣୀ କାର୍ଯ୍ୟକଳାପର ମୂଳ ଅଟେ, (*"be all and end all"*)
- ଶିକ୍ଷକ ନିଜକୁ ଜଣେ ନମୁନା ଭାବରେ ପିଲାଙ୍କ ସାମନାରେ ପ୍ରଦର୍ଶିତ କରାଇଥାନ୍ତି, ଯେହେତୁ ବିଷୟ ବସ୍ତୁ ଉପରେ ସେ ନିପୁଣତା ଲାଭ କରିଥାଆନ୍ତି ।
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଆବଶ୍ୟକତା ହିଁ ପାଠ୍ୟପୁସ୍ତକ ମାଧ୍ୟମରେ ପରିପୂର୍ଣ୍ଣ ହୋଇଥାଏ ।
- ଶ୍ରେଣୀରେ ବିଷୟବସ୍ତୁର ଉପସ୍ଥାପନ କରିବା ସମୟରେ ବାସ୍ତବିକ ଜୀବନର ପରିସ୍ଥିତିକୁ ଖୁବ୍ କମ୍ ଭାବରେ ସ୍ଥାନ ଦିଆଯାଇଥାଏ ।
- ସମସ୍ତ ଶ୍ରେଣୀ କକ୍ଷର ପ୍ରତିକ୍ରିୟା ପାଠ୍ୟପୁସ୍ତକ କୈନ୍ଦ୍ରିକ ହୋଇଥାଏ ।
- ଏଥିରେ ଗୁଣାତ୍ମକ ଆଧାରିତ ପରିଣାମ ଅପେକ୍ଷା ସଂଖ୍ୟାତ୍ମକ ଆଧାରିତ ପରିଣାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।
- ମୂଲ୍ୟାୟନ ପାଇଁ ପାଠ୍ୟପୁସ୍ତକ ଆଧାରିତ ପ୍ରଶ୍ନକୁ ବ୍ୟବହାର କରାଯାଇଥାଏ । ସେଗୁଡ଼ିକରେ ବିବିଧତାର ଅଭାବ ରହେ ।

ଯାହାହେଉ ଏହି ପନ୍ଥା, ପ୍ରଚୁର ପରିମାଣର ବିଷୟବସ୍ତୁକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଜାଣିବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେଇଥାଏ । ଯେହେତୁ ପାଠ୍ୟକ୍ରମଟିକୁ ନିର୍ଦ୍ଧାରିତ ସମୟ ଭିତରେ ସାରିବାକୁ ପଡେ, ଶିକ୍ଷାର୍ଥୀ ତାହାର ଅଭ୍ୟାସ ଅନୁଶୀଳନୀ, ବିସ୍ତୃତ ଭାବରେ ଯୋଜନା କରିଥାଏ ଓ ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଭାବରେ ପଢ଼ିଥାଏ ।

ଏହି ପ୍ରକାର ପନ୍ଥାରେ, କେବଳ ପୁସ୍ତକ-ଭିତ୍ତିକ ଜ୍ଞାନ ଆହରଣ କରାଯାଇଥାଏ । ଶିକ୍ଷାଦାନ - ଶିକ୍ଷଣରେ କୌଣସି ନୂତନତ୍ୱ ନଥାଏ । ଅଧିକାଂଶ ସମୟ କେବଳ



ଟିପ୍ପଣୀ

ଘୋଷିବା ଓ ମୁଖସ୍ଥ କରିବାରେ ଯାଏ, ଯେଉଁଠି ଅର୍ଥପୂର୍ଣ୍ଣ ଶିକ୍ଷଣ ହୋଇନଥାଏ । ତେଣୁ, ଶିକ୍ଷକ ଓ ଛାତ୍ର ଉଭୟଙ୍କ ପାଖରେ ପ୍ରଶ୍ନ ପଚାରିବା କୌଶଳର ବିକାଶ ପାଇଁ ଖୁବ୍ କମ୍ ସୁଯୋଗ ଥାଏ । ପାଠ୍ୟପୁସ୍ତକ ସମ୍ବନ୍ଧିତ ପ୍ରଶ୍ନାଳବୀ ଯାହା ପାଠ ଶେଷରେ ଦିଆଯାଇଛି ତା' ଉପରେ ସୀମିତ ରହିଯାଆନ୍ତି । ଶିକ୍ଷଣର ପରିଣାମ ରୂପରେ ବ୍ୟକ୍ତିତ୍ୱ ବୃଦ୍ଧିର ସବୁ ବିଭାଗର ଆକଳନ କରିବା ଅପେକ୍ଷା ପାଠ୍ୟପୁସ୍ତକରୁ ଗ୍ରହଣ କରାଯାଇଥିବା ସମସ୍ତ ଅବଧାରଣର ଆକଳନ ପାଇଁ ନିରବଚ୍ଛିନ୍ନ ଓ ସାମଗ୍ରୀକ ମୂଲ୍ୟାୟନକୁ ସୀମିତ କରାଯାଇଥାଏ ।

**ପରବର୍ତ୍ତୀ ବିଷୟକୁ ଯିବା ପୂର୍ବରୁ ନିଜେ ନିଜକୁ ପରଖନ୍ତୁ :**

---

**E-5 କେତେକ ଉକ୍ତି ନିମ୍ନରେ ଦିଆଯାଇଅଛି । ବିଷୟ କୈନ୍ଦ୍ରିକ ପନ୍ଥା ପାଇଁ କେଉଁଟି ସଠିକ୍ ଚିହ୍ନଟ କରନ୍ତୁ ।**

(କ) ଶିକ୍ଷକ, ଶ୍ରେଣୀରେ ପାଠ୍ୟପୁସ୍ତକର ଖୁବ୍ କମ୍ ବ୍ୟବହାର କରନ୍ତି ।

(ଖ) ପାଠଶେଷରେ ଦିଆଯାଇଥିବା ପ୍ରଶ୍ନାବଳୀର ଉତ୍ତର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦିଆଯାଇଥାଏ ।

(ଗ) ବାସ୍ତବିକ ଜୀବନର ଅନୁଭୂତି ଉପରେ ଗୁରୁତ୍ୱ ଦିଆଯାଇଥାଏ ।

(ଘ) ଶିକ୍ଷାର୍ଥୀମାନେ ସବୁବେଳେ ଅବଧାରଣାକୁ ଘୋଷି ମନେ ରଖନ୍ତି / ମୁଖସ୍ତ କରନ୍ତି ।

(ଙ) ପାଠ୍ୟପୁସ୍ତକ ଶିକ୍ଷଣର ମୁଖ୍ୟ ସାଧନ ଭାବରେ ବିଚାର କରାଯାଏ ।

---

### ୨.୨.୩ ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା :

ଉପରୋକ୍ତ, ପ୍ରଥମ ବିଭାଗରେ ଆପଣମାନେ ଉଭୟ ଶିକ୍ଷକ-କୈନ୍ଦ୍ରିକ ପନ୍ଥା ଓ ବିଷୟ-କୈନ୍ଦ୍ରିକ ପନ୍ଥା ସମ୍ବନ୍ଧରେ ଅଧ୍ୟୟନ କଲେ । ଉଭୟ ପନ୍ଥା ପାରମ୍ପରିକ ବା ପୁରାତନ ଓ ଗୋଟିଏ ଅନ୍ୟଟି ସହ ବହୁ ପରିମାଣରେ ସମାନ । ଗୋଟିଏ କଥା ଅଛି, "ଶିକ୍ଷକ ଜନ୍‌କୁ ଭାଷା ପଢ଼ାନ୍ତି" ଏଠାରେ ନା ଶିକ୍ଷକ ବା ନା ଭାଷା କେହି ମୁଖ୍ୟ ନୁହେଁ । କିନ୍ତୁ ଜନ୍ ହେଉଛି ମୁଖ୍ୟ । ଜନ୍ ହେଉଛି, ଶିକ୍ଷାର୍ଥୀ ଓ ସେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟର କେନ୍ଦ୍ରରେ ଅଛି । ତେଣୁ, ଯେଉଁ ପନ୍ଥା ଶିକ୍ଷାର୍ଥୀ ଆଡ଼କୁ ନିର୍ଦ୍ଦେଶିତ ହୁଏ

ତାହାକୁ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା କୁହାଯାଏ, ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ସଂପର୍କରେ ଏହି ଏକକରେ ଆଲୋଚନା କରାଯାଇଅଛି ।

ନିମ୍ନରେ ଦିଆଯାଇଥିବା ପରିସ୍ଥିତିଗୁଡ଼ିକୁ ପଢ଼ନ୍ତୁ । ଆପଣ ଦେଖିବେ, ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା, ଉପରୋକ୍ତ ଦୁଇଟି ପନ୍ଥା ଯାହା ପୂର୍ବରେ କିଭଳି ଭିନ୍ନ ଆଲୋଚନା କରାଯାଇଛି ।

**ସ୍ଥିତି-୫ :** ମିଷ୍ଟର ସଲିଲ୍ ଜଣେ ଭାଷା ଶିକ୍ଷକ ଭାଷାର ପାଠ୍ୟ ପୁସ୍ତକଟିକୁ ପଞ୍ଚମ ଶ୍ରେଣୀରେ, ପ୍ରାଥମିକ ଶିକ୍ଷଣ ସାମଗ୍ରୀ ରୂପରେ ଉପଯୋଗ କରୁଥିଲ । ଗୋଟିଏ ହାତରେ ସେ ପାଠ୍ୟପୁସ୍ତକ ଅନ୍ୟ ହାତରେ ଖଣ୍ଡେ ଚକ୍‌ଖଡ଼ି ଧରିଥିଲେ । ସେ ପ୍ରସଙ୍ଗଟିକୁ ବଡ଼ ପାଟିରେ ପଢୁଥିଲେ । ଯେତେବେଳେ ଦରକାର, ସେ ସେତେବେଳେ କଳାପଟାର ବ୍ୟବହାର କରୁଥିଲେ । ସେ ପ୍ରସଙ୍ଗରେ ଥିବା ମୁଖ୍ୟ ଶିକ୍ଷଣବିନ୍ଦୁଗୁଡ଼ିକୁ ବର୍ଣ୍ଣନା କରୁଥିଲେ ଓ ଅଧ୍ୟାୟଟିର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ପଚାରୁଥିଲେ । ଯେତେବେଳେ କୌଣସି ଶିକ୍ଷାର୍ଥୀ କୌଣସି ପ୍ରଶ୍ନ ପଚାରୁଥାଏ, ସେ ତାକୁ ସେହି ସଂକ୍ରାନ୍ତୀୟ ଅନୁଚ୍ଛେଦଟିକୁ ପଢ଼ି ଉତ୍ତର ଖୋଜିବାକୁ ନିର୍ଦ୍ଦେଶ ଦେଉଥିଲେ । ସେ, ଶିକ୍ଷାର୍ଥୀମାନଙ୍କର ବୁଝିବା ସହଜ ହେବା ପାଇଁ, କେବେହେଲେ ପାଠ୍ୟପୁସ୍ତକ ବାହାରୁ ଗୋଟିଏ ବି ଉଦାହରଣ ବର୍ଣ୍ଣନା କରୁନଥିଲେ । ପରୀକ୍ଷାରେ, ଅଧିକାଂଶ ଶିକ୍ଷାର୍ଥୀ ବୋଧଜ୍ଞାନ ପରିମାପକ ପ୍ରଶ୍ନାବଳୀର ଉତ୍ତର ଦେଇପାରୁ ନଥିଲେ, ଯେହେତୁ ସେଗୁଡ଼ିକ ପାଠ୍ୟ ପୁସ୍ତକରୁ ସିଧାସଳଖ ଆସିନଥିଲା ।

**ସ୍ଥିତି-୬ :** ମିସ୍ ମିଶ୍ର, ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ । ସେ ପଞ୍ଚମ ଶ୍ରେଣୀରେ ଶିକ୍ଷାଦାନ ପାଇଁ କିଛି ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ (*TLMs*) ନେଇଗଲେ । ସେ ବିଜ୍ଞାନ ବହିଟିକୁ ହାତରେ ଧରିଗଲେ କିନ୍ତୁ କେତେକ ଧାରଣା *(Concepts)* କଳାପଟାରେ ଲେଖିଲେ ଓ କେତେକ ଉଦାହରଣ ନିଜ ମନରୁ ବର୍ଣ୍ଣନା କଲେ । ଯଦି କୌଣସି ଶିକ୍ଷାର୍ଥୀ ତାହା ବୁଝିପାରୁ ନଥିଲେ ସେ ଅନ୍ୟ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରୁଥିଲେ । ସେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ବ୍ୟବହାର କରୁଥିଲେ ଓ ପିଲାମାନଙ୍କୁ ସେଗୁଡ଼ିକ ବ୍ୟବହାର କରିବାକୁ ମଧ୍ୟ ଅନୁମତି ନେଉଥିଲେ । ସେ ନିଜ ମନରୁ ପ୍ରଶ୍ନ ପଚାରୁଥିଲେ । ସେ

ଶିକ୍ଷାର୍ଥୀଙ୍କୁ କିଛି ଦଳଗତ କାର୍ଯ୍ୟ କରିବାକୁ ନେଉଥିଲେ । ଶିକ୍ଷାର୍ଥୀମାନଙ୍କୁ ଯେତେବେଳେ ସାହାଯ୍ୟ ମାଗୁଥିଲେ ପଥ ପ୍ରଦର୍ଶକ ଭାବରେ ତାଙ୍କୁ ସାହାଯ୍ୟ କରୁଥିଲେ ଓ ସେ ପାଠ୍ୟପୁସ୍ତକରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକରୁ ଖୁବ୍ କମ୍ ପଚାରୁଥିଲେ । ବୋଧଜ୍ଞାନ ପାଇଁ ସେ ପୁସ୍ତକ ବାହାରୁ କିଛି ଧାରଣାର ଉପସ୍ଥାପନ କରୁଥିଲେ । ପରୀକ୍ଷାରେ, ଶିକ୍ଷାର୍ଥୀମାନେ ସମସ୍ତ ବୋଧଜ୍ଞାନ ପରିମାପକ ପ୍ରଶ୍ନାବଳୀକୁ ସାଫଲ୍ୟଲାଭ କରୁଥିଲେ ଓ ସଠିକ୍ ଉତ୍ତର ଦେଇଥିଲେ ।

ଯଦି ଆପଣ ଉପରୋକ୍ତ ଦୁଇଟି ପରିସ୍ଥିତିକୁ ତୁଳନା କରିବେ ତେବେ ଆପଣ କେଉଁଟିରେ ଶିକ୍ଷାର୍ଥୀ-କ୍ରେନ୍ଦ୍ରିକ ପନ୍ଥାର ଉପଯୋଗ ହୋଇଛି ତାହା କହିବା ପାଇଁ ସମର୍ଥ ହେବେ । ବର୍ତ୍ତମାନ ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାର ସମ୍ପୂର୍ଣ୍ଣ ଧାରଣା ପାଇବା ପାଇଁ ଏହାର ବିଶେଷତ୍ୱଗୁଡ଼ିକୁ ପଢ଼ନ୍ତୁ ।

### ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାର ବିଶେଷତ୍ୱ

- ଏହି ପନ୍ଥାରେ ଶିକ୍ଷାର୍ଥୀର ବ୍ୟକ୍ତିଗତ ଆବଶ୍ୟକତା, ସମସ୍ତ ଶିକ୍ଷଣ ପଦ୍ଧତି ଓ କୌଶଳର ଭିତ୍ତି / ଆଧାରକୁ ତିଆରି କରେ ।
- ଶିକ୍ଷକ, ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ, ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି ।
- ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷକ, ଉପଦେଶକ ନହୋଇ ଜଣେ ସହାୟକ ଭାବେ କାମ କରିଥାଆନ୍ତି ।
- ଶିକ୍ଷଣ ପ୍ରକ୍ରିୟାକୁ ସହାୟତା କରିବା ପାଇଁ, ପରିସ୍ଥିତିର ସୃଷ୍ଟି କରାଯାଏ ।
- ଶିକ୍ଷାର୍ଥୀମାନେ ଉଭୟ ବ୍ୟକ୍ତିଗତ ରୂପରେ ତଥା ଦଳ ଭିତରେ କାର୍ଯ୍ୟ କରନ୍ତି ।
- ଶିକ୍ଷାର୍ଥୀ, ନିଜର ସହପାଠୀଙ୍କ ସହ ପାରସ୍ପରିକ କ୍ରିୟା ଦ୍ୱାରା ଶିଖିଥାନ୍ତି ।
- ପ୍ରଶ୍ନ ପଚାରିବା, ଖୋଜିବା ଓ ପ୍ରୟୋଗ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବାକୁ ହୋଇଥାଏ ।

- ଶ୍ରେଣୀ କକ୍ଷରେ, ବସିବା ବ୍ୟବସ୍ଥା ଶିକ୍ଷାର୍ଥୀମାନଙ୍କୁ ଦିଆଯାଉଥିବା ଶିକ୍ଷଣ କାର୍ଯ୍ୟକ୍ରମ ଅନୁସାରେ କରାଯାଇଥାଏ ।
- ଆକଳନ (*Assessment*), ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ ଏବଂ ଶିକ୍ଷାର୍ଥୀଙ୍କର ଆକଳନ, କାର୍ଯ୍ୟକଳାପ କରୁଥିବା ଭିତରେ ହିଁ କରାଯାଇଥାଏ । ତେଣୁ, ଶିକ୍ଷଣ ପ୍ରକ୍ରିୟା ଓ ଆକଳନ ଏକାଠି ହୋଇଥାଏ ।
- ବିଭିନ୍ନ ପ୍ରକାରର ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ବ୍ୟବହାର କରାଯାଇଥାଏ, ଯାହାକୁ କୌଶଳ ଭାବେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକ ପରିଚାଳନା କରିଥାଆନ୍ତି ।
- ଶିକ୍ଷଣ ପରିବେଶ ଗଣତାନ୍ତ୍ରିକ ହୋଇଥାଏ ।
- ଶିକ୍ଷାର୍ଥୀ ଅଧିକାଂଶ ସମୟରେ ଅବଧାରଣର ସ୍ପଷ୍ଟିକରଣ ପାଇଁ ଶିକ୍ଷକଙ୍କୁ ପ୍ରଶ୍ନ ପଚାରିଥାଆନ୍ତି ।

ଉପରୋକ୍ତ ତାଲିକା ବ୍ୟତୀତ ଆହୁରି ଅଧିକ ବିଶେଷତ୍ୱ ଯୋଗ କରିପାରନ୍ତି । ଶିକ୍ଷଣ ପାଇଁ ଶ୍ରେଣୀରେ ଶିକ୍ଷାର୍ଥୀଙ୍କ ସହିତ କାର୍ଯ୍ୟକଳାପ କରିବା, ଖୁବ୍ ଆବଶ୍ୟକ ବୋଲି ବିବେଚନା କରାଯାଏ । ଏଥି ନିମନ୍ତେ କାର୍ଯ୍ୟଭିତ୍ତିକ ଶିକ୍ଷଣ *(Activity-Based Learning : ABL)* ସମଗ୍ର ଦେଶରେ ବିଶେଷତଃ ପ୍ରାଥମିକ *(Activ* ବିଦ୍ୟାଳୟ ଗୁଡ଼ିକରେ ନିମ୍ନସ୍ତରରେ ବହୁଳ ଭାବରେ ଅବଲମ୍ବନ କରାଯାଉଅଛି ।

**କାର୍ଯ୍ୟଭିତ୍ତିକ ଶିକ୍ଷଣ :**

କାର୍ଯ୍ୟଭିତ୍ତିକ ଶିକ୍ଷଣ *(ABL)*, ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାର ଏକ ରୂପ । ସକ୍ରିୟାତ୍ମକ କାର୍ଯ୍ୟ ବା ଶିକ୍ଷଣ କାର୍ଯ୍ୟ ଦୁଇଟି ଏକା ପ୍ରକାରର ଯେଉଁଥିରେ ଶିକ୍ଷାର୍ଥୀ ଇଚ୍ଛାପୂର୍ବକ ଓ ତୁରନ୍ତ ନୂତନ ଉତ୍ସାହ ସହିତ ସହଭାଗୀତା କରିଥାଏ ଓ ଆବଶ୍ୟକୀୟ ଶିକ୍ଷଣର ପରିଣାମକୁ ଗ୍ରହଣ କରିଥାଏ । ଏହି ପନ୍ଥାରେ ଶିକ୍ଷଣ ପ୍ରକ୍ରିୟା ଓ ପରିଣାମ ଦୁଇଟିର ଧ୍ୟାନ ରଖିବା ଦରକାର ହୁଏ ।

ବିସ୍ତୃତ ଭାବରେ ଆଲୋଚନା ପାଇଁ, ଏହି ପାଠ୍ୟଟିର ୪ର୍ଥ ଅଧ୍ୟାୟଟିକୁ ଦୟାକରି ଦେଖନ୍ତୁ ।

ଟିପ୍ପଣୀ

ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣରେ, ଉଦାହରଣ ରୂପେ ଏକ କ୍ରିୟାକଳାପର ବିଚାର କରିବା ।

**କ୍ରିୟାକଳାପ - ମାନଚିତ୍ର ଅଧ୍ୟୟନ (ପଞ୍ଚମ ଶ୍ରେଣୀ)**

ଦୁଇଜଣ ଶିକ୍ଷାର୍ଥୀ ତାଜମହଲ ଦେଖିବା ପାଇଁ ଆଗ୍ରାକୁ ଭ୍ରମଣ କରୁଥିଲେ । ଆଗ୍ରାରେ ପହଞ୍ଚିଲାପରେ, ଜଣେ ଯାତ୍ରୀ ଆଗ୍ରାର ବିଭିନ୍ନ ସ୍ଥାନ ଭ୍ରମଣ କରିବା ପାଇଁ ମାନଚିତ୍ର ଦେବାକୁ ଚେଷ୍ଟା କଲେ । ଏଠାରେ ଆପଣ ନିଜେ ଚିନ୍ତା କରନ୍ତୁ, ଆପଣ ସେଠାରେ ଅଛନ୍ତି ଓ ପିଲାମାନେ ଆପଣଙ୍କୁ ମାନଚିତ୍ର ପଢ଼ିବା ପାଇଁ ସାହାଯ୍ୟ ମାଗୁଛନ୍ତି । ଶିକ୍ଷାର୍ଥୀଙ୍କୁ ବିଭିନ୍ନ ସ୍ଥାନ ଦେଖାଇବା ପରିବର୍ତ୍ତେ ଓ ସିଧାସଳଖ ସବୁକିଛି ବଢ଼ାଇବା ବଦଳରେ ଆପଣଙ୍କୁ ନିମ୍ନଲିଖିତ କାର୍ଯ୍ୟ କରିବାକୁ ପଡ଼ିଥାଏ ।

- ସେମାନଙ୍କୁ ମାନଚିତ୍ର ଦିଅନ୍ତ ।
- ରେଳ ଲାଇନ ଚିହ୍ନ ସହ ସେମାନଙ୍କୁ ପରିଚିତ କରାନ୍ତୁ ।
- ମାନଚିତ୍ରରେ ଦୂରତାର ଧାରଣା ପାଇବା ପାଇଁ 'ସହାୟତା କରନ୍ତୁ' । ମାନଚିତ୍ରରୁ ନିମ୍ନଲିଖିତ ଜାଗାଗୁଡ଼ିକୁ ଖୋଜି ବାହାର କରିବାକୁ ଦିଅନ୍ତୁ ।

୧. ଆଗ୍ରା ଫୋର୍ଟ ଠାରୁ କେଉଁଟି ଅଧିକ ଦୂରରେ ଅଛି ?

ରେଳ ଷ୍ଟେସନ, ତାଜମହଲ ବା ଫତେପୁରସିକ୍ରୀ ?

୨. ରେଳ ଲାଇନର ନିକଟରେ କିଏ ଅବସ୍ଥିତ ?

- ବାବରପୁର ଜଙ୍ଗଲ ବା ତାଜ ଜଙ୍ଗଲ ?

- ଆଗ୍ରା ଜଙ୍ଗଲ ବା ତାଜମହଲ ?

୩. କେଉଁଟି ଯମୁନା ନଦୀର ନିକଟବର୍ତ୍ତୀ ?

- ତାଜମହଲ ବା ରେଳ ଷ୍ଟେସନ ?

*(Source : Book on Assessment in Environment Studies, P-by NCERT, New Delhi)*

ଆପଣ ଭାବୁଛନ୍ତି କି, ଏହି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷକ-କୈନ୍ଦ୍ରିକ ଶ୍ରେଣୀଠାରୁ ଭିନ୍ନ ? ଏଥିରେ କାହାର ଯୋଗଦାନ ଅଧିକ, ଶିକ୍ଷକ ବା ଛାତ୍ରର ? ଉପରୋକ୍ତ ଆଲୋଚନା

ଉପରେ ଆଧାର କରି, ଆସନ୍ତୁ ଆମେ ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାର ଉପଯୋଗୀତା ସଂପର୍କରେ ଜାଣିବା ।

**ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାର ଉପକାରିତା :**

- ଏହା ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ରରେ ଶିକ୍ଷାର୍ଥୀଙ୍କୁ ରଖିଥାଏ ।
- ଯୋଜନା ଓ ପରିଚାଳନା ପ୍ରକ୍ରିୟା, ଖୁବ୍ ସୂକ୍ଷ୍ମ ଓ ବ୍ୟବସ୍ଥିତ ଭାବରେ ପିଲାମାନଙ୍କ ପାଇଁ ଶିକ୍ଷକଙ୍କ ଦ୍ୱାରା ତିଆରି ହୋଇଥାଏ, ଯେଉଁଥିରେ ଅର୍ଥପୂର୍ଣ୍ଣ ଶିକ୍ଷଣ ହୋଇଥାଏ ।
- ଏହା ଶିକ୍ଷାର୍ଥୀଙ୍କ ସୃଜନଶକ୍ତିକୁ ବିକାଶ କରାଇବାରେ ସାହାଯ୍ୟ କରେ ।
- ଶିକ୍ଷାର୍ଥୀମାନଙ୍କ ଭିତରେ ପ୍ରତିଯୋଗିତା ଆଣିବାକୁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ଯୋଗୁଁ, ଶିକ୍ଷାର୍ଥୀ ସେମାନଙ୍କର ଉପଲବ୍ଧ ସ୍ତରକୁ ବଢ଼ାଇବା ପାଇଁ ସୁଯୋଗ ଲାଭ କରିଥାଆନ୍ତି ।
- ଶିକ୍ଷାର୍ଥୀଙ୍କ ପ୍ରଦର୍ଶନ / ଅଭିନୟକୁ ଚିହ୍ନିପାରିଥାଉ । କିନ୍ତୁ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା, ଆଲୋଚନାରୁ ସ୍ୱତନ୍ତ୍ର ନୁହେଁ । ଯଦିଓ ଏହି ପନ୍ଥାର ବ୍ୟବହାର କରାଯାଏ, ଏକ ସୀମିତ ସମୟ ଭିତରେ ହାରାହାରି ଭାବରେ ସବୁ ଶିକ୍ଷାର୍ଥୀଙ୍କର ଉପଲବ୍ଧ ସ୍ତରକୁ ବଢ଼ାଇବା କଷ୍ଟକର ହୋଇଥାଏ । ଦକ୍ଷ ଓ ପ୍ରତିଶ୍ରୁତିବଦ୍ଧ ଶିକ୍ଷକ ବିନା ଏହି ପନ୍ଥା କାର୍ଯ୍ୟକାରୀ ହୁଏନାହିଁ । ଏଥିରେ ଏପରି ଶିକ୍ଷକଙ୍କର ଆବଶ୍ୟକତା ହୁଏ, ଯିଏ ପିଲାଙ୍କର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହୁଅନ୍ତି । ବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି ବିନା, ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା ସମ୍ଭବ ହୁଏ ନାହିଁ ।

ଶିକ୍ଷାଦାନ ଓ ଶିକ୍ଷଣର ଦୁଇଟି ମୁଖ୍ୟ ପନ୍ଥା ମଧ୍ୟରେ ଥିବା ତୁଳନା ନିମ୍ନଲିଖିତ ତାଲିକାରେ ସଂକ୍ଷେପରେ ଦିଆଯାଇଅଛି ।

ଟିପ୍ପଣୀ

ସାରଣୀ ୨.୧ ଶିକ୍ଷକ କୈନ୍ଦ୍ରିକ ପନ୍ଥା ଏବଂ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ମଧ୍ୟରେ ତୁଳନା

| **ସୂଚନ** | **ଶିକ୍ଷକ କୈନ୍ଦ୍ରିକ ପନ୍ଥା** | **ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା** |
|---|---|---|
| ପାଠ୍ୟକ୍ରମ ଉଦ୍ଦେଶ୍ୟ | ଶିକ୍ଷକ ପାଠ୍ୟ ରୂପରେଖ, ଅନୁରୂପ ବିଷୟବସ୍ତୁକୁ ପୂରା କରନ୍ତି । | ଶିକ୍ଷାର୍ଥୀ ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ଶିକ୍ଷଣ ଉଦ୍ଦେଶ୍ୟକୁ ପ୍ରାପ୍ତ କରେ । |
| ଶିକ୍ଷାର୍ଥୀ କିପରି ଶିଖିଥାଏ । | - ଶିକ୍ଷାର୍ଥୀ ନିଷ୍କ୍ରିୟ ହୋଇ ଶୁଣନ୍ତି ବା ପଢ଼ନ୍ତି - ଶିକ୍ଷାର୍ଥୀ ଅଧିକ ନମ୍ବର ହାସଲ ପାଇଁ ସ୍ୱତନ୍ତ୍ର ଶିକ୍ଷଣ ପସନ୍ଦ କରିଥାଏ । | - ଶିକ୍ଷାର୍ଥୀ ପୂର୍ବ ଅର୍ଜିତ ଜ୍ଞାନରେ ନୂତନ ଜ୍ଞାନର ସମାବେଶ କରିଥାଏ । |
| ଶୈକ୍ଷିକ ପଦ୍ଧତି | - ତଥ୍ୟ ପ୍ରଦାନ କରିବାରେ ଆଧାରିତ ଥାଏ । | କାର୍ଯ୍ୟ କରି ଶିଖିବା ହେଉଛି ମୂଳ ଆଧାର<br>- କାର୍ଯ୍ୟ କରି ଶିଖିବା, ପିଲାଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଇ ବିଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟ ଉପରେ ଆଧାରିତ । |
| ପାଠ୍ୟକ୍ରମ ପ୍ରଦାନ | - ବକ୍ତୃତା ପଦ୍ଧତି *(Lecture Method)* ର ପ୍ରୟୋଗ ।<br>- ସାମଗ୍ରୀକ ଉଦ୍ଦେଶ୍ୟ ପାଇଁ ଦତ୍ତକାର୍ଯ୍ୟ ଓ ପରୀକ୍ଷା ଉପରେ ଆଧାରିତ ହୋଇଥାଏ ।<br>- ଏକକ ପରୀକ୍ଷଣ ଓ ଏକକ ଯୋଜନା ହୁଏ ନାହିଁ । | - ସକ୍ରିୟାତ୍ମକ ଶିକ୍ଷଣ<br>- ସହଯୋଗୀ *(Cooperative Learning)* ଶିକ୍ଷଣ ଓ ସମସ୍ୟା ଉପରେ ଆଧାରିତ ଶିକ୍ଷଣର ପ୍ରୟୋଗ ହୋଇଥାଏ |
| ଶିକ୍ଷକଙ୍କ ଭୂମିକା | - ମଞ୍ଚରେ ଯାହା ଶୁଣାଇଲେ ଓ କହିଲେ ଏହାକୁ ପାଳନ କରିବା ଆବଶ୍ୟକ ଅଟେ । | - ଅଭ୍ୟାସ ଥାଇ ଦତ୍ତକାର୍ଯ୍ୟ ଦିଆଯାଏ ଓ ଏକକ ପରୀକ୍ଷା (*Unit test*) କରାଯାଏ । |

| ସୂଚନ | ଶିକ୍ଷକ କୈନ୍ଦ୍ରିକ ପନ୍ଥା | ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା |
|---|---|---|
| ଶିକ୍ଷାଦାନର ପ୍ରଭାବ ଶାଳିତା | - ଶିକ୍ଷକ ତଥ୍ୟକୁ ପ୍ରଦାନ କରନ୍ତି ଓ ଶିକ୍ଷାର୍ଥୀ ତାହାକୁ ମୁଖସ୍ତ କରିଥାଆନ୍ତି ।<br>- ଯେହେତୁ ଶିକ୍ଷାର୍ଥୀ ଘୋଷି ଶିଖିଥାଆନ୍ତି । ଫଳରେ ପ୍ରକ୍ରିୟାର ପ୍ରଭାବଶାଳୀତାର ମୂଲ୍ୟାଙ୍କନ ଠିକ୍ ଭାବରେ ବିଚାର କରାଯାଇନଥାଏ ।<br>ଶିକ୍ଷକ ପାଠ୍ୟ ରୂପରେଖ, ଅନୁରୂପ ବିଷୟବସ୍ତୁକୁ ପୂରା କରନ୍ତି ।<br>- ଶିକ୍ଷାର୍ଥୀ ନିଷ୍କ୍ରିୟ ହୋଇ ଶୁଣନ୍ତି ବା ପଢ଼ନ୍ତି | - ଶିକ୍ଷକ ଜଣେ ସହାୟକ ଭାବେ ଶିକ୍ଷାର୍ଥୀମାନଙ୍କ ସହ ମିଶି କାର୍ଯ୍ୟ କରନ୍ତି ।<br>- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରନ୍ତି ।<br>- ଶିକ୍ଷଣ ଉଦ୍ଦେଶ୍ୟ ହାସଲ ପାଇଁ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରନ୍ତି ।<br>- ପ୍ରଦର୍ଶନ ଶିକ୍ଷଣ ଉଦ୍ଦେଶ୍ୟର ଦକ୍ଷତାର ସୂଚକ ଅଟେ ।<br>- ଶିକ୍ଷାର୍ଥୀଙ୍କର ସ୍ତରକୁ ବିକାଶ କରିବା ପାଇଁ ମୂଲ୍ୟାଙ୍କନ କରାଯାଏ । |

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

**E-6 :** ପ୍ରାୟ ଅଧିକାଂଶ ଶିକ୍ଷକ କାହିଁକି ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାକୁ ଅନୁସରଣ କରନ୍ତି ନାହିଁ ? ନିମ୍ନଲିଖିତ ଉତ୍ତରଗୁଡ଼ିକ ମଧ୍ୟରୁ କେଉଁଟି / କେଉଁଗୁଡ଼ିକ ଉପରୋକ୍ତ ପ୍ରଶ୍ନର ଠିକ୍ ଉତ୍ତର ଅଟେ ?

(କ) ଶ୍ରେଣୀ କକ୍ଷରେ ଏହି ପନ୍ଥାକୁ ଅନୁସରଣ କରି ଶ୍ରେଣୀ ପରିଚାଳନା କରିବାର ଯୋଜନା ପ୍ରସ୍ତୁତ କରିବାକୁ ସେମାନଙ୍କ ପାଖରେ ଆବଶ୍ୟକୀୟ ଜ୍ଞାନ, କୌଶଳ ଓ ଦକ୍ଷତାର ଅଭାବ ରହିଥାଏ ।

(ଖ) ସେମାନେ ପରମ୍ପରାଗତ ଅଭ୍ୟାସକୁ ଛାଡ଼ିବାକୁ ପ୍ରସ୍ତୁତ ନଥାଆନ୍ତି ।

(ଗ) ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାକୁ ଅନୁସରଣ କରିବା କଠିନ ହୁଏ ।

ଟିପ୍ପଣୀ

### ୨.୨.୪ ଦକ୍ଷତାଭିତ୍ତିକ ପନ୍ଥା :

ଶ୍ରେଣୀରେ ଯେତେବେଳେ ଆପଣ କୌଣସି ବି ପ୍ରସଙ୍ଗ ପଢ଼ାନ୍ତି, "ଆପଣ ନିଜକୁ ନିଜେ ପଚାରନ୍ତୁ, କ'ଣ ଶିକ୍ଷାର୍ଥୀମାନେ, ପ୍ରସଙ୍ଗରେ ଥିବା ଶିକ୍ଷଣ ଅବଧାରଣାଗୁଡ଼ିକୁ ବୁଝି, ପାଇବାକୁ ଥିବା ଜ୍ଞାନ, ବୋଧ, କୌଶଳ ଆଦି ଆହରଣ କରିଥାଆନ୍ତି ? ହଁ, ଯଦି, ଆଶା କରୁଥିବା ପରିଣାମକୁ ନିର୍ଦ୍ଦିଷ୍ଟ ରୂପରେ ପରିଭାଷିତ କରାଯାଏ, ତେବେ ଆମେ ନା କେବଳ ଶିକ୍ଷାର୍ଥୀକୁ କିପରି ପଢ଼ାଇବା ବା ସହାୟତା କରିବା ପାଇଁ ଯୋଜନା, ଶିକ୍ଷଣ ଲକ୍ଷ୍ୟ ହାସଲ କରିବା ପାଇଁ ଯୋଜନା ତତ୍ ସହିତ ଆମେ ମଧ୍ୟ ଆକଳନ କରିପାରୁ ଓ ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଥାଉ । ସେହି ପ୍ରକାର, ପରିଣାମ ଆଧାରିତ ପନ୍ଥାକୁ ପ୍ରାୟ ଦକ୍ଷତାଭିତ୍ତିକ ଶିକ୍ଷା କୁହାଯାଏ ।

କିନ୍ତୁ ଦକ୍ଷତା (*Competency*) କ'ଣ ? ଏହି ଶବ୍ଦର କୌଣସି ସ୍ୱତନ୍ତ୍ର ପରିଭାଷା ନାହିଁ । ନିମ୍ନରେ କେତେକ ଉକ୍ତି ଦିଆଯାଇଅଛି, ତାହାକୁ ଯତ୍ନଶୀଳ ଭାବରେ ପଢ଼ନ୍ତୁ ।

- ଦକ୍ଷତା ହେଉଛି ଏକ ଆବଶ୍ୟକ କୌଶଳ, ଜ୍ଞାନ ମନୋଭାବ ଓ ବ୍ୟବହାର ଅଟେ, ଯାହାର ବାସ୍ତବିକ ଜଗତରେ ଫଳପ୍ରଦ କାର୍ଯ୍ୟ ସଂପାଦନରେ ଆବଶ୍ୟକ ପଡିଥାଏ ।
- ଦକ୍ଷତା ଏକ କୌଶଳ ଅଟେ, ଯାହାର ସଂପାଦନ ଏକ ବିଶିଷ୍ଟ ସ୍ଥିତିରେ ଏକ ବିଶିଷ୍ଟ ମାପଦଣ୍ଡ ଅଧିନରେ କରାଯାଇଥାଏ ।
- ଦକ୍ଷତା ଏକ କୌଣସି ବ୍ୟକ୍ତିର ନିର୍ଦ୍ଦିଷ୍ଟ ଅନ୍ତର୍ନିହିତ ବିଶେଷତ୍ୱ, ବ୍ୟକ୍ତି ପାଖରେ ଥାଏ ଓ ତାହାକୁ ସେ ସଂପାଦନରେ କୃତକାର୍ଯ୍ୟ ହେବାରେ ବ୍ୟବହାର କରାଯାଏ ।
- 'ଦକ୍ଷତା' ହେଉଛି ଏକ ସ୍ପଷ୍ଟ ଭାବରେ ବୁଝାଯାଉଥିବା ଓ ପରିମାପକ୍ଷମ କାର୍ଯ୍ୟ (ସମ୍ବୋଧିତ ଜ୍ଞାନ ଓ କୌଶଳର ସଂଗ୍ରହ) ଯାହା ବ୍ୟକ୍ତି ଦ୍ୱାରା ପୂର୍ଣ୍ଣ କରାଯାଇଥାଏ ।

ଉପରୋକ୍ତ ଉକ୍ତିଗୁଡ଼ିକରୁ ଦକ୍ଷତାର ପ୍ରକୃତି ସଂପର୍କରେ କ'ଣ ସବୁ ସ୍ଥିର କରାଯାଇପାରିବ ?

ଟିପ୍ପଣୀ

- 'ଦକ୍ଷତା' କେତେକ ବିଶିଷ୍ଟ ଆବଶ୍ୟକୀୟ କୌଶଳ, ଜ୍ଞାନ, ମନୋଭାବ ଓ ବ୍ୟବହାର, ଯାହାକୁ ଜଣେ ଲାଭ କରିଥାଏ ତାହା ସହିତ ସଂପୃକ୍ତ । ଏହା, କେତେକ ପ୍ରକୃତି ଓ ସାମର୍ଥ୍ୟ, ଜଣେ ବ୍ୟକ୍ତି ହାସଲ କରି କାର୍ଯ୍ୟ ସଂପାଦନରେ କୃତକାର୍ଯ୍ୟ ହେବାରେ ସହାୟକ ହୋଇଥାଏ (ଲକ୍ଷ୍ୟହାସଲ ଯୋଗ୍ୟ)
- ଏହା ସ୍ପଷ୍ଟ ଭାବରେ ପରିଭାଷିତ ହୋଇଥାଏ, ତେଣୁ : ମାପ କରିବା ଯୋଗ୍ୟ ଅଟେ (ମାପ ଯୋଗ୍ୟ)
- 'ଦକ୍ଷତା'ର ବାଖ୍ୟାରେ ଥିବା ଶବ୍ଦଗୁଡ଼ିକ ଦେଉଛି, ଏହା ସ୍ପଷ୍ଟ ଭାବରେ ପ୍ରତ୍ୟେକଙ୍କ ଦ୍ୱାରା ବୁଝାଯାଇପାରେ ଯଥା ଶିକ୍ଷକ, ଶିକ୍ଷାର୍ଥୀ ତଥା ଅନ୍ୟ ସମ୍ବୋଦିତଙ୍କ ଦ୍ୱାରା । (ସଂକ୍ଷେପଣ ଯୋଗ୍ୟ) ।
- ଏହାର କେତେ ପ୍ରକାରର ମାପଦଣ୍ଡ ବା ସ୍ତର ହୋଇପାରେ ଯାହାକି ଶିକ୍ଷାର୍ଥୀର ସ୍ତର ବିଶେଷତ୍ୱ ଉପରେ ନିର୍ଭର କରିଥାଏ (ଉପଯୁକ୍ତତା) ।

  ନିମ୍ନରେ ଦକ୍ଷତାର, ପ୍ରାଥମିକ ବିଦ୍ୟାଳୟ ସ୍ତରରେ କେତେକ ଉଦାହରଣ ଦିଆଯାଇଛି :

**ଭାଷା ଦକ୍ଷତା**

- ଠିକ୍ ଉଚ୍ଚାରଣ ସହିତ କହିବା (ତୃତୀୟ ଶ୍ରେଣୀ)
- "ଛପା ହୋଇଥିବା ଓ ହାତ ଲେଖା ଅକ୍ଷରକୁ ସହଜରେ ପଢ଼ିପାରିବା ।" (ପଞ୍ଚମ ଶ୍ରେଣୀ)
- "ସମସ୍ତ ବିରାମ ଚିହ୍ନ ଠିକ ଭାବରେ ବ୍ୟବହାର କରି ଶ୍ରୁତଲିଖନ କରିବା ।" (ପଞ୍ଚମ ଶ୍ରେଣୀ)
- ପାଠ ପଢ଼ି ସାରିବା ପରେ, ପ୍ରଶ୍ନର ଉତ୍ତର ନେବା ସମୟରେ "କାରଣ" ଓ ସେହି ସମୟରୁ ଆଦିର ପ୍ରୟୋଗ କରିବାକୁ ସକ୍ଷମ ହେବେ । (ଚତୁର୍ଥ ଶ୍ରେଣୀ)

ଟିପ୍ପଣୀ

**ଗଣିତ ଦକ୍ଷତା**

- "ବସ୍ତୁ ଓ ଚିତ୍ର ବ୍ୟବହାର କରି ୧-୨୦ ପର୍ଯ୍ୟନ୍ତ ସଂଖ୍ୟା ଗଣନ" । (ପ୍ରଥମ ଶ୍ରେଣୀ)
- ଦୈନିକ ଜୀବନରେ ଦେଖାଯାଉଥିବା ସମସ୍ୟା ସମାଧାନ କରିବାରେ ଏକ ପଦ୍ଧତି ବ୍ୟବହାର କରିବାରେ ସକ୍ଷମ ହେବା । (ପଞ୍ଚମ ଶ୍ରେଣୀ)
- ଦିଆଯାଇଥିବା ତଥ୍ୟଗୁଡ଼ିକରୁ ହାରାହାରି ଉଚ୍ଚତା ବାହାର କରିବା । (ପଞ୍ଚମ ଶ୍ରେଣୀ)
- ପ୍ରୋଟାକ୍ଟର ସାହାଯ୍ୟରେ ବିଭିନ୍ନ ମାପର କୋଣଗୁଡ଼ିକର ଅଙ୍କନ କରିବା । (ଚତୁର୍ଥ ଶ୍ରେଣୀ)

**ପରିବେଶ ଅଧ୍ୟୟନ ଦକ୍ଷତା :**

- ନିଜ ଘର ପରିବାର ସମ୍ବନ୍ଧୀୟ ଓ ପଡ଼ୋଶୀଙ୍କ ସହ ଉଚିତ ବ୍ୟବହାର ପ୍ରଦର୍ଶନ କରିବା । (ପ୍ରଥମ ଶ୍ରେଣୀ)
- ଦୈନିକ ଜରୁରୀ ହେଉଥିବା ବ୍ୟବହାର୍ଯ୍ୟ ବସ୍ତୁର ଉତ୍ପାଦନ ସମ୍ବନ୍ଧିତ ତାଲିକା କରିବା । (ତୃତୀୟ ଶ୍ରେଣୀ)
- ମାନଚିତ୍ରରେ ମୁଖ୍ୟ ଭୌଗୋଳିକ ବିଶେଷତ୍ୱକୁ ଚିହ୍ନଟ କରିବା ବା ବର୍ଣ୍ଣନା କରିବା (ପଞ୍ଚମ ଶ୍ରେଣୀ)
- ପିଇବା ପାଣିକୁ ସ୍ୱଚ୍ଛ କରିବା ପାଇଁ ପରୀକ୍ଷା ପ୍ରସ୍ତୁତ କରିବା (ଚତୁର୍ଥ ଶ୍ରେଣୀ)

ଆପଣଙ୍କର ଦକ୍ଷତା ଆଧାରିତ ଶିକ୍ଷା ସମ୍ବନ୍ଧୀୟ ଦୁଇଟି ଶବ୍ଦ ଯଥା 'କୌଶଳ' ଓ 'ଦକ୍ଷତା'ରେ ଭ୍ରମ ସୃଷ୍ଟି ହେଉଛି କି ?

ହଁ, 'କୌଶଳ' ସାଧାରଣତଃ : ଏକ କାର୍ଯ୍ୟ ଓ କାର୍ଯ୍ୟ ସମୂହର ସଂପାଦନ ସହ ସଂଯୁକ୍ତ ଏକ ବିଶେଷ ସ୍ତରର କୁଶଳତାକୁ ନେଇ ହୋଇଥାଏ । ଏଥିରେ ପ୍ରାୟ ସ୍ନାୟୁ ସମ୍ବନ୍ଧିତ କାର୍ଯ୍ୟ ଓ ଯାହା ବିଶେଷ ଭାବରେ ଉପକରଣ ଓ ବିଜ୍ଞାନ ଉପକରଣକୁ

ପରିଚାଳନା କରିବାରେ ବ୍ୟବହୃତ ହୋଇଥାଏ । କେତେକ କୌଶଳ ଯଥା : "ସଠିକ୍ ଭାବରେ ଓ ଚଞ୍ଚଳ ଯୋଗ କରିବା" ଓ "ଘରେ, ବିଦ୍ୟାଳୟ ଓ ସାର୍ବଜନିତ ସ୍ଥାନରେ ଉଚିତ୍ ବ୍ୟବହାର କରିବାକୁ ପ୍ରଶଂସା କରିବା" ଆଦି ଜ୍ଞାନ ଓ ଦୃଷ୍ଟିକୋଣ ଆଧାରିତ ଅଟେ ।

ଦକ୍ଷତା ପ୍ରାପ୍ତି କରିବାପାଇଁ କେବଳ କୌଶଳ ପ୍ରାପ୍ତ କରିବା ପର୍ଯ୍ୟାପ୍ତ ନୁହେଁ । ଜଣଙ୍କୁ ଏକ ନିର୍ଦ୍ଧାରିତ କୁଶଳତା ସ୍ତର ପର୍ଯ୍ୟନ୍ତ ପ୍ରଦର୍ଶନ କରିବା ଆବଶ୍ୟକ ଅଟେ । ଅନ୍ୟ ଅର୍ଥରେ କୌଣସି ବ୍ୟକ୍ତିକୁ ନିଜର କୌଶଳରେ ସିଦ୍ଧହସ୍ତ (ଉଚ୍ଚସ୍ତରୀୟ ପ୍ରଦର୍ଶନ) ହେବା ଆବଶ୍ୟକ, ଯଦି ସେ ଏହି କୌଶଳରେ ଦକ୍ଷତା ହାସଲ କରିବାକୁ ଚାହୁଁଥାଏ । ଉଦାହରଣ ସ୍ୱରୂପ, ତୃତୀୟ ଶ୍ରେଣୀରେ, ଶିକ୍ଷାର୍ଥୀଙ୍କ ପାଇଁ ଆମେ ଏକ ମାପଦଣ୍ଡ (*Standard*) 'ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ' କରିବା ପାଇଁ ନିର୍ଦ୍ଧାରିତ କରିପାରିବା । ଜଣେ ଶିକ୍ଷାର୍ଥୀ ଦୁଇଟି, ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ମିଶାଣଫଳ (*Carry over*) ବାଁ ପଟକୁ ନନେଇ; ଅତିକମ୍‌ରେ ୮୦% କାର୍ଯ୍ୟ ଏକ ନିର୍ଦ୍ଧାରିତ ସମୟ ସୀମା ଭିତରେ ସଠିକ୍ ଭାବରେ କରିପାରିବ କି? ଯଦି ଏହି ପ୍ରକାରର ଯୋଗରୁ ୨୦ଟି ପ୍ରଶ୍ନ (ପ୍ରତ୍ୟେକ ପ୍ରଶ୍ନ ନମ୍ବର) ଶିକ୍ଷାର୍ଥୀଙ୍କୁ ଦିଆଯାଏ, ଅତି କମ୍‌ରେ ୧୬ ପ୍ରଶ୍ନ ଠିକ୍ ଭାବରେ ହାସଲ କରିପାରିବେ । (୧୬ ନମ୍ବର ଲାଭ କରିଛନ୍ତି) । ଏହାକୁ ଆମେ କହିପାରିବା ଯେ ଏହି ବିଶେଷ କୌଶଳରେ ନିପୁଣତା (ବା ଦକ୍ଷତା) ହାସଲ କରିପାରିଛି ।

ପରମ୍ପରାଗତ ଶିକ୍ଷକ-କୈନ୍ଦ୍ରିକ ପନ୍ଥା, ଯେଉଁଥିରେ ନିର୍ଦ୍ଧାରିତ ସମୟ ଭିତରେ ପାଠ୍ୟକ୍ରମକୁ ପୁରା କରିବା ପାଇଁ ଜୋର୍ / ଗୁରୁତ୍ୱ ଦିଆଯାଇଥାଏ । ଯାହାକି ଦକ୍ଷତା ଆଧାରିତ ପନ୍ଥାରେ, ପାଠଟିର ପ୍ରଗତିର ଅର୍ଥ ହେଉଛି 'ଦକ୍ଷତା' ଓ 'କୌଶଳ' ରେ ସିଦ୍ଧହସ୍ତ ହେବା । ଏହା ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାର ପାଖାପାଖି ଅଟେ, ଯେହେତୁ ଏହା ଶ୍ରେଣୀର ପ୍ରତ୍ୟେକ ଶିକ୍ଷାର୍ଥୀର ଜ୍ଞାନାର୍ଜନରେ ସିଦ୍ଧହସ୍ତ ହେବାପାଇଁ ଗୁରୁତ୍ୱ ଦିଆଯାଇଥାଏ ।

ଯଦି ଆପଣ ଦକ୍ଷତାଭିତ୍ତିକ ପନ୍ଥା ଅବଲମ୍ବନ କରିବାକୁ ସ୍ଥିର କରିଛନ୍ତି, ତେବେ ନିମ୍ନରେ ଦିଆଯାଇଥିବା କଥା ଉପରେ ଧ୍ୟାନ ଦେବା ଯତ୍ନବାନ ହେବା ଆବଶ୍ୟକ ।

- କୌଣସି ପାଠକୁ ଆରମ୍ଭ କରିବା ପୂର୍ବରୁ (କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ବା କୌଣସି ନିର୍ଦ୍ଦିଷ୍ଟ ବିଷୟ ପାଇଁ) ଉକ୍ତ ଦକ୍ଷତାର ବାଖ୍ୟାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଯାହା ଲାଭ କରାଯାଇପାରିବ । ଉକ୍ତ ବାଖ୍ୟା (*Statements*)ର ରଚନା ସାବଧାନପୂର୍ବକ କରିବା ଦରକାର, କାରଣ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଓ ମୂଲ୍ୟାଙ୍କନକୁ ସୁନିଶ୍ଚିତ ଢ଼ଙ୍ଗରେ ଆକଳନ କରାଯାଇପାରିବ ।

- ଏହି ଦକ୍ଷତାଗୁଡ଼ିକ ଯାହା ପରସ୍ପର ମଧ୍ୟରେ ଅନ୍ୟଜଣଙ୍କ ସହିତ ସମ୍ବନ୍ଧିତ ଅଟେ, ଏହି ପ୍ରକାରର ବ୍ୟବସ୍ଥିତ କରିବେ ଯେପରି ଏହାର କଠିନତାର ସ୍ତର ଧାରାବାହିକ ଭାବେ ଉଚ୍ଚ ହେବ । ଶିକ୍ଷଣ ଏକ ଧାରାବାହିକ ପ୍ରକ୍ରିୟା ଅଟେ ଯେଉଁଥିରେ ଶିକ୍ଷଣ ଅଧ୍ୟାୟକୁ ସ୍ତର ଅନୁସାରେ ସଜ୍ଜୀକରଣ କରାଯାଇଥାଏ ଓ ଜଣେ ଶିକ୍ଷାର୍ଥୀ କ୍ରମିକ ଭାବରେ ନିମ୍ନରୁ ଉଚ୍ଚ ସ୍ତରକୁ ଓ ଦକ୍ଷତା ପ୍ରାପ୍ତ କରିବାରେ ପ୍ରଗତି କରିଥାଏ । ଏକ ଶିକ୍ଷାର୍ଥୀ ଯେ ପର୍ଯ୍ୟନ୍ତ ଗୋଟିଏ ଦକ୍ଷତାକୁ ପ୍ରାପ୍ତ କରିପାରେ ନାହିଁ, ଦ୍ୱିତୀୟ ଦକ୍ଷତା ପାଖରେ ପହଞ୍ଚିପାରିବନି ।

- ଉପଲବ୍ଧିର ମୂଲ୍ୟାଙ୍କନ ପାଇଁ ଉପଯୋଗ କରାଯାଉଥିବା ମାପଦଣ୍ଡ ନିର୍ଦ୍ଧାରଣ କରିବା ଦରକାର, ଏହାଛଡ଼ା ସ୍ଥିତିକୁ ନିର୍ଦ୍ଧାରଣ କରିବା ଦରକାର, ଯାହାର ଅନ୍ତର୍ଗତ ଉପଲବ୍ଧିର ମୂଲ୍ୟାଙ୍କନ କରାଯାଇଥାଏ, ଏହା ସହିତ ନିପୁଣତା ସ୍ତରର ବି ସୁସ୍ପଷ୍ଟତା ସହିତ ନିର୍ଦ୍ଧାରଣ କରାଯାଇଥାଏ ।

- ବିଭିନ୍ନ ପ୍ରକାରର ନିର୍ଦ୍ଦେଶିତ କୌଶଳ (*Techniques*) ଓ ସମୂହ କାର୍ଯ୍ୟକ୍ରମ ପ୍ରୟୋଗ, ଶିକ୍ଷାର୍ଥୀଙ୍କ ଦକ୍ଷତା ପ୍ରାପ୍ତ ପାଇଁ କରାଯାଇଥାଏ । ଏହି ପ୍ରକାରର ନିର୍ଦ୍ଦେଶିତ କାର୍ଯ୍ୟକ୍ରମ ବ୍ୟକ୍ତିଗତ ବିକାଶ ଓ ନିର୍ଦ୍ଧାରିତ ଦକ୍ଷତାକୁ ମୂଲ୍ୟାଙ୍କନ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ । ଏଥିରେ ଲକ୍ଷ୍ୟ ହେଉଛି ଦକ୍ଷତାକୁ ପ୍ରାପ୍ତ କରିବା । ଏଥିପାଇଁ ବିଭିନ୍ନ ପ୍ରକାର ପଦ୍ଧତି ଓ ସାମଗ୍ରୀର ଉପଯୋଗ କରିବା ଦରକାର, ଯେଉଁଥିରେ ଶିକ୍ଷାର୍ଥୀ

ଟିପ୍ପଣୀ

ଦକ୍ଷତା ଲାଭ କରିବାରେ ସିଦ୍ଧହସ୍ତ ହୋଇଯାଏ ।

- ପାଠ୍ୟପୁସ୍ତକ, ସଞ୍ଚାର (*Media*), କୌଣସି ଅନ୍ୟ ସାଧନ ଓ ବାସ୍ତବିକ ଜୀବନରେ ବ୍ୟବହୃତ ସାମଗ୍ରୀର ପ୍ରୟୋଗ, ଦକ୍ଷତା ଲାଭ କରିବା ପାଇଁ କରାଯାଏ ।
- ଦକ୍ଷତାର ମୂଲ୍ୟାଙ୍କନ କରିବା ସମୟରେ ସର୍ବଦା ଅଂଶଗ୍ରହଣକାରୀଙ୍କ ଜ୍ଞାନ ଓ ଦୃଷ୍ଟିକୋଣକୁ ଧ୍ୟାନ ଦିଆଯାଏ । ଏହା ମନେରଖିବା ଦରକାର ଯେ, ଶିକ୍ଷାର୍ଥୀଙ୍କ ଦକ୍ଷତା ଆଧାରିତ ପ୍ରଦଶନ ତାହାର ମୂଲ୍ୟାଙ୍କନର ପ୍ରମାଣର ପ୍ରାଥମିକ ଉତ୍ସ ଅଟେ ।
- ନିର୍ଦ୍ଦେଶିତ କାର୍ଯ୍ୟକ୍ରମ ମାଧ୍ୟମରେ, ଶିକ୍ଷାର୍ଥୀଙ୍କର ନିଜର ଗତି ଅନୁସାରେ ବିକାଶ କରିବାକୁ ଅନୁମତି ଦେବା ଦରକାର । ଏଥିସକାଶେ, ନିର୍ଦ୍ଦିଷ୍ଟ ଦକ୍ଷତା ଉପଲବ୍ଧି ପାଇଁ ଉପଯୁକ୍ତ ପ୍ରଦର୍ଶନ କରିବା ଦରକାର ।
- ପ୍ରଦର୍ଶନରେ ମୂଲ୍ୟାଙ୍କନର ପୁଷ୍ଟି (*Feedback*)କୁ ତୁରନ୍ତ ଉପଯୋଗ କରିବା ଦରକାର । ତେବେ ଶିକ୍ଷାର୍ଥୀ ନିଜର ଭୁଲ୍‌କୁ ସୁଧାରି ବା ଅତିରିକ୍ତ ପ୍ରୟାସ କରି ଦକ୍ଷତାର ନିପୁଣତା ସ୍ତରକୁ ପ୍ରାପ୍ତ କରିପାରିବେ ।
- ଶିକ୍ଷାର୍ଥୀଙ୍କର ଏଥିରେ ଦକ୍ଷତାର ନିପୁଣତା ସ୍ତର ପ୍ରଦର୍ଶିତ କରିବା ପାଇଁ ଉପଲବ୍ଧ କରିବା ଦରକାର ଓ ଏହି ପ୍ରକ୍ରିୟା ସେତେପର୍ଯ୍ୟନ୍ତ ଜାରୀ ରଖିବା ଦରକାର ଯେ ପର୍ଯ୍ୟନ୍ତ ସେ ନିପୁଣସ୍ତରକୁ ପ୍ରଦର୍ଶନ କରିନଥାଏ ।

**ଶିକ୍ଷଣର ନ୍ୟୁନତମ ସ୍ତର (*MLL*)**

ଜାତୀୟ ଶିକ୍ଷାନୀତି ୧୯୮୬ର ସୁପାରିଶ ଅନୁସାରେ, ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ୧ ରୁ ୫ ପର୍ଯ୍ୟନ୍ତ ୩ଟି ବିଷୟ, ଭାଷା, ଗଣିତ, ପରିବେଶ ଅଧ୍ୟୟନ ପାଇଁ ଶିକ୍ଷଣର ନ୍ୟୁନତମ ସ୍ତରର ନିର୍ଦ୍ଧାରଣ କରାଯାଇଛି । ଏମ୍.ଏଲ୍.ଏଲ୍‌ର ଦକ୍ଷତା ଅନୁସାରେ ବିଭିନ୍ନ ଶ୍ରେଣୀର ବିଷୟବସ୍ତୁ ସହିତ ସଂପର୍କୀତ କରାଇ କ୍ରମିକ ଭାବରେ ନିମ୍ନରୁ ଉଚ୍ଚକୁ ସଜାଇ ଦିଆଯାଇଛି । ଏହି ସଜ୍ଜୀକରଣ ଅନୁସାରେ ପ୍ରତ୍ୟେକ ଶିକ୍ଷାର୍ଥୀର ପ୍ରତ୍ୟେକ ଦକ୍ଷତାକୁ ନିପୁଣତା ସ୍ତରରେ ହାସଲ କରିବା ପରେ ପରବର୍ତ୍ତୀ ଦକ୍ଷତାକୁ

ଟିପ୍ପଣୀ

ଯିବା ଆବଶ୍ୟକ । ଏଥିପାଇଁ ବିଭିନ୍ନ ପ୍ରକାରର ପଦ୍ଧତିର ଉପଯୋଗ କରିବାର ସୁପାରିଶ ନ୍ୟୁନତମ ଶିକ୍ଷଣ ସ୍ତର ପ୍ରାପ୍ତ କରିବାର ଲକ୍ଷ୍ୟକୁ ଧ୍ୟାନରେ ରଖି କରାଯାଏ ଓ ଏହାକୁ ଦକ୍ଷତା ଆଧାରିତ ଶିକ୍ଷଣ ଦ୍ୱାରା ପରିଭାଷିତ କରାଯାଇଛି । ଶିକ୍ଷାର୍ଥୀର ପ୍ରତ୍ୟେକ ଦକ୍ଷତାକୁ ନିପୁଣତା ସ୍ତରରେ ପ୍ରାପ୍ତି କରିବା ପାଇଁ, "ଯୋଜନା-ଶିକ୍ଷାଦାନ-ପରୀକ୍ଷଣ-ପୁନଃଶିକ୍ଷାଦାନ - ପୁନଃ ପରୀକ୍ଷଣ" ଏହି ପ୍ରକାର ଚକ୍ରୀୟ (*Cycle*) ବିଧି / ପଦ୍ଧତିକୁ ଅନୁସରଣ କରିବା ଆବଶ୍ୟକ ।

ଏମ୍.ଏଲ୍.ଏଲ୍ କାର୍ଯ୍ୟକ୍ରମ ୧୯୯୦ ପର୍ଯ୍ୟନ୍ତ ଜାରି ରଖାଗଲା, କିନ୍ତୁ ପରେ କୌଣସି କାରଣରୁ ଏହାର ମହତ୍ତ୍ୱ ସମାପ୍ତ ହୋଇଗଲା । ପରନ୍ତୁ ଶ୍ରେଣୀ କକ୍ଷ ଶିକ୍ଷଣରେ ଦକ୍ଷତାଗୁଡ଼ିକର ପ୍ରୟୋଗ ଓ ଦକ୍ଷତା ଆଧାରିତ ମୂଲ୍ୟାଙ୍କନ ଏବେବି ଜାରୀ ରହିଛି । *(NCERT, 1991)*

ଏପର୍ଯ୍ୟନ୍ତ ଆପଣମାନେ ଯାହାସବୁ ଅଧ୍ୟୟନ କଲେ ଏହାକୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

ଇ.-୭. ଶିକ୍ଷକ-କୈନ୍ଦ୍ରିକ ପନ୍ଥା ଓ ଦକ୍ଷତାଭିତ୍ତିକ ପନ୍ଥା ମଧ୍ୟରେ ଥିବା ଅତିକମ୍‌ରେ ୩ଟି ପାର୍ଥକ୍ୟକୁ ବାଖ୍ୟା କରନ୍ତୁ ।

ଇ-୮. ନିମ୍ନରେ, କେଉଁଟି ଦକ୍ଷତାଭିତ୍ତିକ ପନ୍ଥାର ବିଶେଷତ୍ୱ ନୁହେଁ ।

(କ) ଶିକ୍ଷାର୍ଥୀମାନେ ଗୁଣନଖନ୍ଦା ସାରଣୀ ଚାର୍ଟର ଅଭ୍ୟାସ କରୁଛନ୍ତି ।

(ଖ) ବ୍ୟକ୍ତିଗତ ଭାବେ ଶିକ୍ଷାର୍ଥୀ ନିଜର ବେଗ ଅନୁସାରେ ଶିକ୍ଷଣ ଲାଭ କରୁଛନ୍ତି ।

(ଗ) ସେମାନେ ଦଳରେ ସହପାଠୀଙ୍କର ସହାୟତା ନେଉଛନ୍ତି ।

ଆପଣଙ୍କ ଉତ୍ତର କୌଣସି ଗୋଟିଏ କାରଣରୁ ନେଇ ଦିଅନ୍ତୁ ।

**ଦକ୍ଷତାଭିତ୍ତିକ ପନ୍ଥାର ଉପକାରିତା :**

- ଦକ୍ଷତାଭିତ୍ତିକ ପନ୍ଥା, ଶିକ୍ଷାର୍ଥୀଙ୍କୁ ଘୋଷିବା ବା ମୁଖସ୍ଥ କରିବାରୁ ଦୂରେଇ ନିଏ ।
- ଶିକ୍ଷାର୍ଥୀମାନେ ଆଜି ଯାହା ଶିଖନ୍ତି କାଲିକୁ ତାହା ଭୁଲିଯାଆନ୍ତି ନାହିଁ, କାରଣ, ଆପଣଙ୍କ ସହାୟତା କ୍ରମେ, ସେମାନେ ଦକ୍ଷତାଗୁଡ଼ିକୁ ନିପୁଣତା ସ୍ତରରେ ହାସଲ କରିଛନ୍ତି ।
- ଦକ୍ଷତାଗୁଡ଼ିକର ମୂଲ୍ୟାଙ୍କନର ସମ୍ବନ୍ଧ ପ୍ରତ୍ୟକ୍ଷ ଭାବରେ ଶିକ୍ଷଣ ଅନୁଭୂତିର ଉଦ୍ଦେଶ୍ୟ ଅନୁସାରେ ହୋଇଛି ଓ ଏହା ନିରବଚ୍ଛିନ୍ନ ଓ ଦକ୍ଷତାଭିତ୍ତିକ ହେବା ଆଶା କରାଯାଇଛି ।
- ମୂଲ୍ୟାଙ୍କନ ପରିଣାମର ଉପଯୋଗ ଶିକ୍ଷାର୍ଥୀର ପ୍ରଦର୍ଶନ (*Performance*)ରେ ଉନ୍ନତି ଆଣିବାକୁ କରାଯାଏ । ନିମ୍ନମାନ ହାସଲ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ସମୃଦ୍ଧିକରଣ କାର୍ଯ୍ୟକ୍ରମର ଆୟୋଜନ, ସହାୟତା କରିଥାଏ । କାରଣ ଏହା ପ୍ରତ୍ୟେକ ଶିକ୍ଷାର୍ଥୀର ନିପୁଣତାସ୍ତର ପ୍ରାପ୍ତି କରିବା ଲକ୍ଷ୍ୟ ରହିଥାଏ, ତେଣୁ ଏହା ବିଭିନ୍ନ ଶ୍ରେଣୀର, ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିଥାଏ ।
- ଉପଯୁକ୍ତ କାର୍ଯ୍ୟକଳାପ ଯେପରି ଗଳ୍ପକଥନ, ଭୂମିକା ପ୍ରଦର୍ଶନ (*Role play*) ସଂବାଦ, ପହେଲି (*Riddle*) ଅଭ୍ୟାସ, ଶବ୍ଦ ଖେଳ, ଯାଦୁ, କୁଇଜ ଓ ପ୍ରହେଳିକା (*Puzzle*) ଆଦି ଶିକ୍ଷାର୍ଥୀଙ୍କୁ ଦକ୍ଷତା ହାସଲ କରିବା ପାଇଁ ଏକ ଶିକ୍ଷଣ ସାଥୀ ଭାବରେ ସହାୟତା କରେ ।
- ଏହି ପନ୍ଥାରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା, ଆନନ୍ଦଦାୟକ ଓ ଆଗ୍ରହପୂର୍ଣ୍ଣ ହୁଏ ।

**ବ୍ୟତିକ୍ରମ ଦିଗ (Limitation) :**

- ଶିକ୍ଷକଙ୍କର ବିଷୟବସ୍ତୁ ଉପରେ ଗଭୀର ଜ୍ଞାନ ରହିବା ଆବଶ୍ୟକ, କାରଣ, ଶିକ୍ଷାର୍ଥୀ ଆପଣଙ୍କ ସହଯୋଗରୁ ଉପଲବ୍ଧି କରିବ, ଯଦି ଶିକ୍ଷକ ବିଷୟବସ୍ତୁରେ କୁଶଳ ନୁହେଁ । ତେବେ ଏହି ସ୍ଥିତିରେ ଏହି ପନ୍ଥା ହୁଏତ କାମ କରି ନ ପାରେ ।
- ସବୁ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସବୁଠାରୁ ଅଧିକ ଶିକ୍ଷଣ ପାଇଁ, ସମାନ ଭାବରେ ଅନୁକୂଳ ହୋଇନଥାଏ ଓ ଏହି ପ୍ରକାର ନିର୍ଦ୍ଧାରିତ ସମୟରେ ଦକ୍ଷତା ପ୍ରତି

ଟିପ୍ପଣୀ

ପ୍ରଭାବକାରୀ ହୋଇ ନଥାଏ ।

- ଯେହେତୁ, ପିଲାଙ୍କର ଶିକ୍ଷଣ ଗତି ଜଣଙ୍କର ଅନ୍ୟଜଣଙ୍କଠାରୁ ଅଲଗା ହୋଇଥାଏ, ଏଥିପାଇଁ ନିର୍ଦ୍ଧାରିତ ସମୟରେ ଶିକ୍ଷାର୍ଥୀଙ୍କର ଦକ୍ଷତା ହାସଲ କରାଇବା ଶିକ୍ଷକଙ୍କ ପାଇଁ କଠିନ ହୋଇଥାଏ ।
- ନିମ୍ନ ଉପଲବ୍ଧି ହାସଲ କରିଥିବା ଶିକ୍ଷାର୍ଥୀଙ୍କୁ ଉକଯୁକ୍ତ ନିଦାନମୂଳକ କୋଚିଙ୍ଗ୍ ଉପଲବ୍ଧ କରାଇବା ପାଇଁ, ସବୁ ଶିକ୍ଷକ ସମାନ ରୂପରେ ସକ୍ଷମ ହୁଅନ୍ତି ନାହିଁ । ଶିକ୍ଷାର୍ଥୀଙ୍କ ପାଇଁ ଦକ୍ଷତାକୁ ନିପୁଣତା ସ୍ତରରେ ହାସଲ କରିବା କଠିନ ହୋଇଥାଏ, ବିଶେଷକରି ପ୍ରଥମ ପିଢ଼ିର ଶିକ୍ଷାର୍ଥୀମାନଙ୍କ ପାଇଁ ।
- ଯେହେତୁ, ଦକ୍ଷତାକୁ ବିସ୍ତୃତ ରୂପରେ ଉପଦକ୍ଷତାଗୁଡ଼ିକରେ ବଣ୍ଟାଯାଇଥାଏ, ଏହା ଦେଖାଯାଉଛି ଯେ, ଆକଳନରେ ସବୁ ବିବରଣୀକୁ ସ୍ଥାନ ମିଳିନଥାଏ ।
- ଦକ୍ଷତା ଓ ଉପଦକ୍ଷତାର ବିସ୍ତୃତ ତାଲିକା ପାଇଁ କ୍ରିୟାକଳାପ ଓ ପରୀକ୍ଷଣ ପ୍ରକାର ତିଆରି କରିବା ସବୁବେଳେ ସମ୍ଭବ ନୁହେଁ ।

ପରବର୍ତ୍ତୀ ବିଷୟକୁ ଯିବା ପୂର୍ବରୁ ନିଜକୁ ନିଜେ ପରଖନ୍ତୁ ।

ଇ.୮ ନିମ୍ନଲିଖିତ ଉକ୍ତିଗୁଡ଼ିକରୁ କେଉଁଟି ଠିକ୍ ଓ କେଉଁଟି ଭୁଲ, ତାହାକୁ ଚିହ୍ନଟ କରନ୍ତୁ ।

(କ) ଦକ୍ଷତା ଏକ ଶିକ୍ଷଣ ଉଦ୍ଦେଶ୍ୟ ଅଟେ ।

(ଖ) ସବୁ ଦକ୍ଷତା ପ୍ରାପ୍ତ କରିବା ଯୋଗ୍ୟ ନୁହେଁ ।

(ଗ) ଦକ୍ଷତାଗୁଡ଼ିକୁ ମୂଲ୍ୟାୟନ କରାଯାଇପାରିବ ।

(ଘ) ଦକ୍ଷତାଭିତ୍ତିକ ଶିକ୍ଷାଦାନରେ ଶିକ୍ଷକ ବହୁ ପ୍ରକାରର ଶିକ୍ଷଣ ସାମଗ୍ରୀ (*TLM*) ବ୍ୟବହାର କରନ୍ତି ଓ କାର୍ଯ୍ୟ ସଂପାଦନ କରନ୍ତି ।

(ଙ) ଦକ୍ଷତାଭିତ୍ତିକ ପନ୍ଥାରେ ଶିକ୍ଷଣ ପାଇଁ ନିଦାନମୂଳକ ଶିକ୍ଷାଦାନ ଆବଶ୍ୟକ ହୁଏ ନାହିଁ ।

ଟିପ୍ପଣୀ

(ଚ) ଦକ୍ଷତାର ଉପଲବ୍ଧି ନିପୁଣତା ସ୍ତର ପର୍ଯ୍ୟନ୍ତ କରାଯାଇପାରେ ।

(ଛ) ଦକ୍ଷତାର ଉପଲବ୍ଧି ପାଇଁ କାର୍ଯ୍ୟକଳାପଗୁଡ଼ିକ ଚାବିକାଠି

---

**E-9 ପ୍ରାଥମିକ ଶ୍ରେଣୀରେ କୌଣସି ବିଷୟରେ ଦକ୍ଷତାଭିତ୍ତିକ କଥାରୁ ୪ ଗୋଟିର ଉଦାହରଣ ଦିଅନ୍ତୁ ।**

---

### ୨.୨.୫ ସଂଗଠନାତ୍ମକ ପନ୍ଥା :

ଆପଣ କ'ଣ ଭାବନ୍ତି କି ଶିକ୍ଷାର୍ଥୀମାନେ କେବଳ ବିଦ୍ୟାଳୟରେ ଶିକ୍ଷଣ ଆରମ୍ଭ କରନ୍ତି ? ଯଦି ଆପଣ ସେପରି ଭାବନ୍ତି, ଶିକ୍ଷଣ ବିଦ୍ୟାଳୟରେ ଆରମ୍ଭ ହୁଏ, ତେବେ ନିମ୍ନଲିଖିତ କାର୍ଯ୍ୟକ୍ରମକୁ କରନ୍ତୁ

**କ୍ରିୟାକଳାପ-୨**

ବିଦ୍ୟାଳୟକୁ ଆସିବା ପୂର୍ବରୁ ଗୋଟିଏ ୬ବର୍ଷ ବୟସର ପିଲାଟିଏ କ'ଣ କ'ଣ କାମ କରିଥାଏ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

ଏହି ସମସ୍ତ ଶିକ୍ଷଣକାର୍ଯ୍ୟଗୁଡ଼ିକ ସେ କିପରି ଶିଖିଥାଏ ? ତାକୁ ଏହାସବୁ କିଏ ଶିଖାଇଥାଏ କିମ୍ବା ସେ ନିଜେ ଏସବୁକୁ ଶିଖିଥାଏ କି ? କାହାର ବିନା ସାହାଯ୍ୟରେ ସେ କିପରି ଏସବୁକୁ ଶିଖିଥିବ ?

ତେବେ ଆମେ ଏକ ପରିସ୍ଥିତିକୁ ବିଚାର କରିବା ।

**ପରିସ୍ଥିତି-୭:** ଥରେ, ଇଂରାଜୀ ଶିକ୍ଷକ ମିଷ୍ଟର ରବିନ୍ ଶ୍ରେଣୀରେ ଗୋଟିଏ ଗପ କହିଲେ ଏବଂ ତା'ପରେ ଦ୍ୱିତୀୟଥର ଏହାକୁ ପୁଣିଥରେ କହିଲେ । ଯେତେବେଳେ ସେ ପିଲାମାନଙ୍କୁ ସେହି ଗପଟିକୁ କରିବାକୁ କହିଲେ, ସମସ୍ତ ଶିକ୍ଷାର୍ଥୀଙ୍କ ଭିତରୁ ଶତକଡ଼ା ୭୫ (୭୫%) ଭାଗ ପିଲା ତାହା କହିପାରିଲେ । ଏଥିରେ କିଛି ନୂତନତ୍ୱ ଅଛି କି ? ଏହା ଚିନ୍ତା କରିବା ପାଇଁ ଉତ୍ସାହ ସୃଷ୍ଟି କରୁଛି କି ? କିନ୍ତୁ ଯେତେବେଳେ ଶିକ୍ଷକ ପଚାରନ୍ତି, କିଏ ଗପଟିଏ କରିବ, ଅତି କଷ୍ଟରେ ୨/୩ ପିଲା ସେମାନଙ୍କ ହାତ ଉଠାଇଥାଆନ୍ତି । ଏହାପରେ ସେ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଚିତ୍ର ଦେଖାଇଲେ ଓ

ଟିପ୍ପଣୀ

ତାହାକୁ ଶ୍ରେଣୀ କାନ୍ଥରେ ଟଙ୍ଗାଇ ଦେଲେ, ଯାହା ସବୁ ପିଲା ଠିକ୍ ଭାବରେ ଦେଖିପାରିବେ । ସେ ତା'ପରେ ପିଲାମାନଙ୍କୁ ଚିତ୍ର ଦେଖି ଗୋଟିଏ ଗପ ଲେଖିବାକୁ କହିଲେ । ୧୫ ମିନିଟ୍ ପରେ କେତେ ପିଲା ଗପ ଲେଖିଲେ କିନ୍ତୁ କୌଣସି ବି ଦୁଇଟି ଗପ ସମାନ ନଥିଲା । ସବୁ ଗପଗୁଡ଼ିକ ଭିନ୍ନ ଥିଲା । କିଛି ମୁଖ୍ୟ ଶବ୍ଦ ଦେଇ ପୁଣି ଗପ ଲେଖିବାକୁ ଶିକ୍ଷକ ନିର୍ଦ୍ଦେଶ ଦେଲେ । ଶିକ୍ଷାର୍ଥୀମାନେ ପୁନର୍ବାର ଅଲଗା ଅଲଗା ଗପ ଲେଖିଲେ ।

ଏହା କିପରି ସମ୍ଭବ ହେଲା କି, ସମାନ ବସ୍ତୁ (ଶବ୍ଦ ଓ ଚିତ୍ର) ଉପରେ ଆଧାର କରି ଶିକ୍ଷାର୍ଥୀମାନେ ଅଲଗା ଅଲଗା ଗପ ଲେଖିଲେ । ଶିକ୍ଷାର୍ଥୀମାନେ ନିଜର ମାତା-ପିତା, ଆଇ-ଅଜାଙ୍କ ପାଖରୁ ଗପ ଶୁଣିଥାଆନ୍ତି । ଯେତେବେଳେ ସେ ଗୋଟିଏ କାହାଣୀ ଲେଖିବା ଆରମ୍ଭ କରନ୍ତି । ସେ ନିଜର ପୂର୍ବ ଅନୁଭୂତିର ସ୍ମରଣ କରିଥାଏ । ସେମାନେ ପୂର୍ବଜ୍ଞାନକୁ ନୂଆ ଜ୍ଞାନ ସହିତ ସମ୍ବନ୍ଧ କରାଇଥାଆନ୍ତି ଓ ଏହାକୁ ନୂତନ ଆକାରରେ କରିବାକୁ ଚେଷ୍ଟା କରିଥାଆନ୍ତି ।

ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀରେ ଶିକ୍ଷାର୍ଥୀ ନିଷ୍କ୍ରିୟ ଶ୍ରୋତା ହୋଇଥାଆନ୍ତି କିନ୍ତୁ ସଂଗଠନାତ୍ମକ ଶ୍ରେଣୀରେ ଏହା ହୋଇ ନଥାଏ । ସଂଗଠନାତ୍ମକ ଶିକ୍ଷାଦାନ-ଶିକ୍ଷଣରେ ଶିକ୍ଷାର୍ଥୀଙ୍କୁ ସକ୍ରିୟ ଭାବରେ ଗଣନା କରାଯାଇଥାଏ ଓ ଶିକ୍ଷକ ଶିକ୍ଷାର୍ଥୀଙ୍କ ଦ୍ୱାରା ଜ୍ଞାନର ରଚନା କରାଇବା ପାଇଁ ପ୍ରକ୍ରିୟାର ସହାୟତା କରିଥାଆନ୍ତି । ଯେହେତୁ ସଂଗଠନାତ୍ମକ ଶ୍ରେଣୀକକ୍ଷ, ଶିକ୍ଷାର୍ଥୀ କୈନ୍ଦ୍ରିକ ଅଟେ, ଏଥିରେ ଶିକ୍ଷାର୍ଥୀଙ୍କୁ ଅଧିକତମ ସ୍ୱାଧୀନତା ଦିଆଯାଇଥାଏ । ଉପରୋକ୍ତ ଆଲୋଚନାକୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

**E-10.** ନିମ୍ନରେ ଦିଆଯାଇଥିବା ଉକ୍ତିରୁ କେଉଁଟି ସଂଗଠନାତ୍ମକ ପନ୍ଥା (*Constructivist Approach*) ଉପରେ ଆଧାର କରେ ନାହିଁ ?

(କ) ଶିକ୍ଷାର୍ଥୀର ପୂର୍ବଜ୍ଞାନ ନୂତନ ଜ୍ଞାନ ସଂଗଠନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ।

(ଖ) ଶିକ୍ଷଣ ଏକ ସକ୍ରିୟ ଅର୍ଥସୃଜନ କରିବାର ପ୍ରକ୍ରିୟା ଅଟେ ।

(ଗ) ଏକ ଶିକ୍ଷାର୍ଥୀର ଦୃଢ଼ ସ୍ମରଣଶକ୍ତି, ତାହାର ଜ୍ଞାନ ସଂଗଠନ କରିବାପାଇଁ ଆଧାର ଅଟେ ।

ଆପଣ ଜଣେ ଶିକ୍ଷକ ଭାବରେ ଆପଣ ନିଜର ଶୈଳୀ ଓ ପଦ୍ଧତି ଅନୁସାରେ ଶ୍ରେଣୀରେ ଶିକ୍ଷାଦାନ କରିଥାଆନ୍ତି । ଆପଣ ମଧ୍ୟ ଶିକ୍ଷାର୍ଥୀଙ୍କୁ ଶ୍ରେଣୀରେ ଗପ କହିଥାଆନ୍ତି । ଆପଣ କେବେ ଶିକ୍ଷାର୍ଥୀମାନଙ୍କ ସାହାଯ୍ୟରେ ଗପ ଗଢ଼ିବାକୁ ଚେଷ୍ଟା କରିଛନ୍ତି କି ?

ନିମ୍ନରେ ଏକ ଉଦାହରଣ ବର୍ଣ୍ଣନା କରାଯାଇଛି, କିପରି ଶିକ୍ଷାର୍ଥୀମାନେ ମଧ୍ୟ ଗପ ତିଆରି କରିପାରନ୍ତି ।

ଥରେ ଶ୍ରେଣୀ କକ୍ଷରେ କଳାପଟାରେ ଶିକ୍ଷକ କେତେକ ଶବ୍ଦ ଲେଖିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଶିକ୍ଷାର୍ଥୀଙ୍କ ସାହାଯ୍ୟରେ ଗପଟିକୁ ପ୍ରସ୍ତୁତି କରିବା । ସେ ଚାହୁଁଥିଲେ ଶିକ୍ଷାର୍ଥୀ ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଗପଟି କହିବେ । ସେ ପଚାରିଥିଲେ ଯେ, ପ୍ରଥମ ବାକ୍ୟଟିକୁ କିଏ ଜଣେ ହେଲେ ଆରମ୍ଭ କରିପାରିବ କି ? ଯେତେବେଳେ ଶିକ୍ଷାର୍ଥୀ ସାହାଯ୍ୟରେ ପ୍ରଥମ ବାକ୍ୟଟି କୁହାଯାଇଥିଲା, ପ୍ରତ୍ୟେକ ପିଲାଙ୍କୁ ସେହିଭଳି ଗୋଟିଏ ବାକ୍ୟ କରିବାକୁ କହିଥିଲେ, ଯାହାକି ପ୍ରଥମ ବାକ୍ୟ ସହିତ ସମ୍ବନ୍ଧିତ ଥିବ ବା ଯୋଡ଼ି ହୋଇପାରିବ । ଖୁବ୍ କମ୍ ସମୟ ଭିତରେ ୨୦ଟି ବାକ୍ୟ କଳାପଟାରେ ଲେଖାହୋଇପାରିଥିଲା । ତାପରେ ଶିକ୍ଷକ ଗପଟିର ଦିଗ ବଦଳାଇ ଦେଇଥିଲେ ଓ ନିଜେ ଦୁଇଟି ବାକ୍ୟ ସେଥିରେ ଯୋଗ କରିଥିଲେ । ସେ ପୁଣିଥରେ ଶିକ୍ଷାର୍ଥୀଙ୍କୁ ଏହି ଗପଟିକୁ ବଢ଼ାଇବାକୁ କହିଥିଲେ । ପାଞ୍ଚଟି ବାକ୍ୟ ଯୋଗ ହୋଇସାରିଲା ପରେ, ସେ

ଟିପ୍ପଣୀ

ଶିକ୍ଷାର୍ଥୀମାନଙ୍କୁ ପଚାରିଥିଲେ, ସେମାନେ ଏହିଠାରେ ଯେ ଶେଷ କରିବାକୁ ଚାହାଁନ୍ତିକି ? ଯେତେବେଳେ ଶିକ୍ଷାର୍ଥୀମାନେ ସେହିଠାରେ ବନ୍ଦ କରିନେବାକୁ ରାଜି ହୋଇଥିଲେ, ସେତେବେଳେ ସେ ପ୍ରତ୍ୟେକ ପିଲାଙ୍କୁ ଗପଟିର ଶୀର୍ଷକ / ନାମ ଦେବା ପାଇଁ ପଚାରିଥିଲେ । ଅତି ଆଗ୍ରହପୂର୍ଣ୍ଣ ଭାବରେ ଶିକ୍ଷାର୍ଥୀମାନେ ଗୋଟିଏ ନାମ ନ ଆଣି ବହୁସଂଖ୍ୟକ ଶୀର୍ଷକ ନାମକରଣ କରିଥିଲେ ।

ବର୍ତ୍ତମାନ ନିମ୍ନରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଉପରୋକ୍ତ ଉଦାହରଣ ମାଧ୍ୟମରେ ଦିଅନ୍ତୁ ।

ଗପଟିକୁ କିଏ ଆରମ୍ଭ କଲା ?

ଗପଟିକୁ ଆଗକୁ ବଢ଼ାଇବାକୁ ସେ କ'ଣ କଲା ?

ଗପଟିର ତିଆରି କିପରି ହେଲା ?

ଯେତେବେଳେ ୨୦ଟି ବାକ୍ୟ ଲେଖାଗଲା, ଶିକ୍ଷକ କ'ଣ କଲେ ? ଗପଟିର ବିକାଶ କରିବାରେ ସବୁଠାରୁ ଅଧିକ କିଏ ଯୋଗ ଦେଲା ?

ଶିକ୍ଷାର୍ଥୀମାନଙ୍କୁ କିଏ ସହଯୋଗ କଲା ?

ମୂଳରୁ ଶେଷ ପର୍ଯ୍ୟନ୍ତ କ'ଣ ଶିକ୍ଷକ ସହଯୋଗ କରିଥିଲେ ?

ଆପଣଙ୍କର ଏପରି ଅନୁଭୂତି ଅଛି କି ?

ଏହି ଅଭ୍ୟାସ ଆଗ୍ରହପୂର୍ଣ୍ଣ ହେଲା କି ?

କ'ଣ, ଏହା, ମନେ ରଖି କହିବା ବା ଗୋଟିଏ ବହିରୁ ଗପଟିଏ ପଢ଼ି ଶୁଣାଇବାଠାରୁ ଭିନ୍ନ ନୁହେଁ କି ?

**କ୍ରିୟାକଳାପ-୩**

ନିମ୍ନରେ ଗୋଟିଏ ଗପ ଦିଆଯାଇଛି । ଆପଣଙ୍କ ଶ୍ରେଣୀରେ ତାହା ବ୍ୟବହାର କରି ଓ ନିମ୍ନମତେ ଆଲୋଚନା କରନ୍ତୁ ।

ଲଳିତା ଗୋଟିଏ ଛୋଟ ଝିଅ । ସେ ପଞ୍ଚମଶ୍ରେଣୀରେ ପଢୁଥିଲା । ସେ ଖୁବ୍ ଚାଲାକ୍



ଟିପ୍ପଣୀ

ଥିବା ସଙ୍ଗେ ସଙ୍ଗେ ସୁନ୍ଦର ଓ ଉତ୍ତମ ଥିଲା । ସମସ୍ତେ ତାକୁ ଭଲ ପାଉଥିଲେ । ଦିନେ ଲଳିତାର ସ୍କୁଲ ଶିକ୍ଷକ କହିଲେ, "ମୁଁ ଏହି ବର୍ଷ ଗୋଟିଏ ସ୍ୱତନ୍ତ୍ର ପୁରସ୍କାର ଦେବି ।" ପୁରସ୍କାରଟି କ'ଣ ପାଇଁ", ଏହା ସବୁ ପିଲା ପଚାରିଲେ ? "ମୁଁ ସେକଥା କହିବି ନାହିଁ", ଶିକ୍ଷକ ଏହା କହିଲେ, "ତୁମେମାନେ ପ୍ରତ୍ୟେକ କ୍ଷେତ୍ରରେ ସବୁଠାରୁ ଭଲ କାର୍ଯ୍ୟ କରିବାକୁ ଚେଷ୍ଟା କର । ବର୍ଷ ଶେଷରେ ମୁଁ ତୁମମାନଙ୍କୁ କହିବି । ପୁରସ୍କାରଟି କ'ଣ ପାଇଁ ?

ତାପରେ ଗପଟି ଶୀକ୍ଷାର୍ଥୀଙ୍କ ମଧ୍ୟରେ କଥାବାର୍ତ୍ତା ମାଧ୍ୟମରେ ଆଗକୁ ବଢ଼ିଯିବ । ପରିଶେଷରେ ଶିକ୍ଷକ ଘୋଷଣା କରିବେ, ସ୍ୱତନ୍ତ୍ର ପୁରସ୍କାର ଦେବାର କାରଣ କ'ଣ ? (ଗପର ଶେଷ ବାକ୍ୟଟି)

ଗପଟି କୁହାଯିବାପରେ, ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ପଚାରାଯିବ ଓ ପରବର୍ତ୍ତୀ କାର୍ଯ୍ୟକଳାପ କରାଯିବ ।

୧. କେଉଁ ଚରିତ୍ରଟି ତୁମକୁ ଭଲ ଲାଗିଲା ଓ କାହିଁକି ?
୨. ଆପଣଙ୍କ ପସନ୍ଦ ହେଉଥିବା ଚରିତ୍ର ସ୍ଥାନରେ ନିଜକୁ ରଖି ଓ ଅନ୍ୟ ଏକ ଚରିତ୍ରର କଥାକୁ ତିଆରି କରନ୍ତୁ ।
୩. ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀରେ କଥୋପକଥନ (*Dialogue*) ଦେବାକୁ ଦିଅନ୍ତୁ ।
୪. କଥା (*Dialogue*) ଗୁଡ଼ିକୁ ବଦଳାଇ ଦଳରେ ଦିଅନ୍ତୁ ।

ଉପରୋକ୍ତ କାର୍ଯ୍ୟକଳାପରୁ, ଆପଣ ନିଶ୍ଚୟ ନିରୀକ୍ଷଣ କରିପାରିବେ ଯେ, ଏହା ଏକ ଶ୍ରେଣୀକକ୍ଷ ଯେଉଁଥିରେ, ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କରୁଛନ୍ତି । ପରସ୍ପର ପ୍ରତିକ୍ରିୟା କରୁଛନ୍ତି । ଶିକ୍ଷକଙ୍କ ଭୂମିକା ଏଠାରେ ଏକ ସହାୟକ । ଶିକ୍ଷାର୍ଥୀମାନେ ତାଙ୍କର ଅତୀତର ଅନୁଭୂତିକୁ ନୂତନ ଅନୁଭୂତି ସହିତ ଯୋଡୁଛନ୍ତି । ଯେହେତୁ ସେମାନେ ଦଳରେ କାର୍ଯ୍ୟ କରୁଛନ୍ତି, ଭାବର ଆଦାନପ୍ରଦାନ ହୋଇପାରୁଛି । ଶିକ୍ଷାର୍ଥୀମାନେ ଏହିପ୍ରକାର ପରିସ୍ଥିତିରେ, ନିମ୍ନଲିଖିତ ସ୍ତର ଦେଇ ଗତି କରନ୍ତି ।

୧. ପୁରୁଣା ଅନୁଭୂତିକୁ ନୂଆ ପରିସ୍ଥିତିରେ ସମ୍ବନ୍ଧିତ କରିବା ।

ଟିପ୍ପଣୀ

୨. ଗପର ଭାବ ତିଆରି କରିବା

୩. ନିଜର ବିଚାରକୁ ସୁବର୍ଣ୍ଣନ କରିବା (ନୂତନ)

୪. ନିଜ ନିଜ ଭିତରେ ପ୍ରଶ୍ନ ପଚାରିବା (ପ୍ରଶ୍ନ ପଚାରିବା)

୫. ସେମାନେ କାହିଁକି ଏକ ଚରିତ୍ରକୁ ପସନ୍ଦ କଲେ, ଭାବନ୍ତୁ (ନିର୍ଣ୍ଣୟ)

ଏହି ସମସ୍ତ ପ୍ରକ୍ରିୟା ଜ୍ଞାନ ସଂଗଠନର ଉଦ୍ଦେଶ୍ୟ ଅଟେ, ତେଣୁ ଏହି ପନ୍ଥାକୁ ଅନୁସରଣ କରିବା ହେଉଛି ସଂଗଠନାତ୍ମକ ପନ୍ଥା । ଶିକ୍ଷାଦାନ ଓ ଶିକ୍ଷଣପାଇଁ ସଂଗଠନାତ୍ମକ ପନ୍ଥା / ଯେଉଁ ତଥ୍ୟ ଉପରେ ପର୍ଯ୍ୟବେସିତ ତାହାକୁ ସଂଗଠନାତ୍ମକ ଶିକ୍ଷଣ ତଥ୍ୟ କୁହାଯାଏ । ଏହି ଅନୁସାରେ ଶିକ୍ଷାର୍ଥୀର ପୂର୍ବ ଜ୍ଞାନ ଆଧାରରେ ଜ୍ଞାନ ନିର୍ମାଣ ହୋଇଥାଏ । ଶିକ୍ଷାର୍ଥୀ ବସ୍ତୁ ଓ ଏହାକୁ ପ୍ରସ୍ତୁତ କରୁଥିବା ଗତିବିଧିକୁ ସକ୍ରିୟ ରୂପେ, ପୁରୁଣା ଅନୁଭୂତିକୁ ନୂଆ ବିଚାରରେ ଯୋଜନା ଜ୍ଞାନ ସୃଷ୍ଟି କରିଥାଏ ।

**ସଂଗଠନାତ୍ମକ ବାଦ (*Constructivism*) :**

ସଂଗଠନାତ୍ମକବାଦ, ଦର୍ଶନ ଶାସ୍ତ୍ରର ଏକ ବିଚାରଧାର ଯାହାକୁ ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ, ଇଟାଲିୟାନ ଦର୍ଶନଶାସ୍ତ୍ରୀ *Giambattista Vico* ମୂଳତତ୍ତ୍ୱ ବାହାର କରିଥିଲେ । ବର୍ତ୍ତମାନ ସମୟରେ, ବିସ୍ତୃତ ଭାବରେ, ଏହା ସୁଇସ୍ ମନୋବିଜ୍ଞାନୀ *Jean Piaget (1996-1980)* ଓ ଋଷିୟାନ ମନୋବିଜ୍ଞାନୀ *Lev Vygotsky (1896-1934)* ଙ୍କ ସହଯୋଗରେ ଶିକ୍ଷା ଦର୍ଶନ ରୂପେ ବିକଶିତ ହୋଇଛି ।

ମୌଳିକ ସଂଗଠନାତ୍ମକବାଦ *Piaget* ଙ୍କ ବିକାଶ ତତ୍ତ୍ୱ ଉପରେ ଆଧାରିତ । ଏହା ଗୁରୁତ୍ୱ ଦିଏ ଯେ ଜ୍ଞାନ ସକ୍ରିୟ ଭାବରେ ଶିକ୍ଷାର୍ଥୀଙ୍କ ଦ୍ୱାରା ସଂଗଠିତ ହୋଇଥାଏ । ନିଷ୍କ୍ରିୟ ଭାବରେ ଜ୍ଞାନ ପରିବେଶରୁ ଗ୍ରହଣୀ କରାଯାଏନାହିଁ । 'ଜାଣିବା ପାଇଁ ଆସିବା' ଅବଲମ୍ବନ କରିବାର ଏକ ପ୍ରକ୍ରିୟା, ଯାହାକି ଶିକ୍ଷାର୍ଥୀଙ୍କ ଅନୁଭବର ସଂସାର ଏବଂ ଏଥିରେ ନିରନ୍ତର ଭାବେ ପରିବର୍ତ୍ତିତ ହେବା ଉପରେ ଆଧାରିତ । *Vygotsky* ଙ୍କ, ବୌଦ୍ଧିକ ବିକାଶ ଉପରେ ହୋଇଥିବା କାର୍ଯ୍ୟ, ସାମାଜିକ ସଂଗଠନାତ୍ମକବାଦକୁ ପ୍ରେରଣା ଦେଇଥିଲା, ଯାହା ବ୍ୟକ୍ତିଗତ ରୂପରେ ସାମାଜିକ ଅନୁକ୍ରିୟା, ସମୁଦାୟ ଗତିବିଧିର ରୂପରେଖ, ଶିକ୍ଷକ, ଅଭିଭାବକ ଓ ଅନ୍ୟ ବୟସ୍କବ୍ୟକ୍ତିଙ୍କ ସହିତ ପ୍ରତିକ୍ରିୟା ଆଦି ।

ନିମ୍ନରେ ସଂଗଠନାତ୍ମକବାଦକୁ ଉତ୍ସାହିତ କରୁଥିବା କେତେକ କାର୍ଯ୍ୟକଳାପ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

- ପ୍ରୟୋଗ : ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବରେ ପରୀକ୍ଷଣ ସଂପାଦନ କରେ ଓ ତା'ପରେ ଏହାକୁ ଆଲୋଚନା କରିବାକୁ ଦଳରେ ଏକାଠି ହୁଅନ୍ତି ।
- ପ୍ରକଳ୍ପ କାର୍ଯ୍ୟ : ଶିକ୍ଷାର୍ଥୀମାନେ ଗୋଟିଏ ପ୍ରସଙ୍ଗକୁ ପ୍ରକଳ୍ପ ହିସାବରେ ପସନ୍ଦ କରନ୍ତି ଓ ଏହି ପ୍ରକଳ୍ପକୁ ପୂରା କରନ୍ତି ଓ ଶ୍ରେଣୀରେ ଏହାର ଫଳାଫଳକୁ ଉପସ୍ଥାପନ କରନ୍ତି ।
- କ୍ଷେତ୍ର ଭ୍ରମଣ : ଏହା, ଶିକ୍ଷାର୍ଥୀଙ୍କ ଶ୍ରେଣୀରେ ପ୍ରସ୍ତୁତ ଧାରଣା ଓ ବିଚାରକୁ ବାସ୍ତବିକ ଜଗତ ସହିତ ଯୋଡ଼ିବାର ସୁବିଧା ପ୍ରଦାନ କରିଥାଏ । କ୍ଷେତ୍ର ଭ୍ରମଣ ଶ୍ରେଣୀ କକ୍ଷ ଆଲୋଚନାକୁ ଅନୁସରଣ କରିଥାଏ ।
- ଦୃଶ୍ୟ (*Visuals*) ଏହା ଦୃଶ୍ୟ ସନ୍ଦର୍ଭ (*Context*)କୁ ପ୍ରସ୍ତୁତ କରିଥାଏ ଓ ଏହା ଶିକ୍ଷଣ ଅନୁଭବରେ ନୂଆ ଅନୁଭୂତି ଆଣିଥାଏ ।
- ଶ୍ରେଣୀ ଆଲୋଚନା - ଏହି ଶୈଳୀ ଉପର ବର୍ଣ୍ଣିତ ସମସ୍ତ ପଦ୍ଧତିରେ ବ୍ୟବହାର କରାଯାଏ । ଏହା ସଂଗଠନାତ୍ମକ ଶିକ୍ଷାଦାନ ପଦ୍ଧତିର ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଭାଗ ।

ଉପରୋକ୍ତ ବିଶେଷତ୍ୱକୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

---

**E-11** ନିମ୍ନଲିଖିତ ଉକ୍ତିଗୁଡ଼ିକରୁ କେଉଁଠି ସଂଗଠନାତ୍ମକ ପନ୍ଥା ସହିତ ସମ୍ବନ୍ଧିତ ନୁହେଁ ?

(କ) ଶିକ୍ଷାର୍ଥୀ ନିଜର ଅନୁଭୂତିରୁ ଅର୍ଥ ତିଆରି କରନ୍ତି ।

(ଖ) ଶିକ୍ଷଣ ପରିଣାମର ଆକଳନ ଶିକ୍ଷଣ ପ୍ରକ୍ରିୟାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ ।

(ଗ) ଶିକ୍ଷାର୍ଥୀଙ୍କୁ ଶିଖିବା ପାଇଁ ଶିକ୍ଷକ ନିର୍ଦ୍ଦେଶ ଦେବା ପରିବର୍ତ୍ତେ, ଶିକ୍ଷଣକୁ ସହାୟତା କରିଥାଏ । ଆପଣଙ୍କ ଉତ୍ତର ପାଇଁ କାରଣ ଦିଅନ୍ତୁ ।

---

ଟିପ୍ପଣୀ

ସଂଗଠନାତ୍ମକ ଶ୍ରେଣୀକକ୍ଷରେ, ଶିକ୍ଷାର୍ଥୀମାନେ ମୂଳତଃ ଦଳରେ କାର୍ଯ୍ୟ କରନ୍ତି, ଯେଉଁଠାରେ ଶିକ୍ଷଣ ଓ ଜ୍ଞାନ ପ୍ରତିକ୍ରିୟାଶୀଳ ଓ ଗତିଶୀଳ ହୋଇଥାଏ । କେହି ବି ପରଂପରାଗତ ଶ୍ରେଣୀରେ, ଶିକ୍ଷାର୍ଥୀ ଏକୁଟିଆ କାର୍ଯ୍ୟ କରୁଥିବା, ଖୋଜି ପାରିବେନି । ସେହି ପରିସ୍ଥିତିରେ ଶିକ୍ଷଣ, ବାରମ୍ବାର ଅଭ୍ୟାସ କରିବା ଦ୍ୱାରା ଘଟିଥାଏ ଓ ଶିକ୍ଷାର୍ଥୀମାନେ ପ୍ରାୟ ପାଠ୍ୟପୁସ୍ତକ ଉପରେ ନିର୍ଭର କରିଥାଆନ୍ତି । କିନ୍ତୁ ସଂଗଠନାତ୍ମକ ଶ୍ରେଣୀ କକ୍ଷରେ, ଶିକ୍ଷାର୍ଥୀ ପରୀକ୍ଷଣ କରନ୍ତି ଓ କିଛି ପ୍ରକଳ୍ପ କାର୍ଯ୍ୟ ମଧ୍ୟ କରନ୍ତି । ସେମାନେ ବ୍ୟକ୍ତିଗତ ଭାବରେ କାର୍ଯ୍ୟ ଆରମ୍ଭ କରିଥାଆନ୍ତି, କିନ୍ତୁ ଦଳଗତ ଭାବେ ଫଳାଫଳ ଆଲୋଚନା କରନ୍ତି । ସେମାନେ ବିଦ୍ୟାଳୟର ବଗିଚା କିମ୍ବା ସଂଗ୍ରହାଳୟ ଆଦିକୁ କିଛି ପର୍ଯ୍ୟବେକ୍ଷଣ କରିବା ପାଇଁ ଶ୍ରେଣୀର ବାହାରକୁ ଯାଇଥାଆନ୍ତି । ବ୍ୟକ୍ତିଗତ ପର୍ଯ୍ୟବେକ୍ଷଣ ସାହାଯ୍ୟରେ ଟିପ୍ପଣୀକୁ ତାଲିକା କରିଆଣନ୍ତି ଓ ଦଳରେ ତାହାକୁ ଆଲୋଚନା କରନ୍ତି । ଦଳଗତ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଗତିବିଧି, ବାଦ-ବିବାଦ, ବୌଦ୍ଧିକ ସହଭାଗୀତା ଏବଂ ସିଦ୍ଧାନ୍ତରେ ଉପନୀତ ଆଦି ଉପରେ କାର୍ଯ୍ୟକଳାପ ନିର୍ଭର କରେ ।

ଶିକ୍ଷଣ କାର୍ଯ୍ୟର ଅନ୍ୟ ଏକ ଉଦାହରଣ :-

ଭାଷା – ଇଂରାଜୀ, ଶ୍ରେଣୀ-୪ର୍ଥ

**ସମସ୍ୟା :** ପାଠ୍ୟପୁସ୍ତକ ବା ପରିପୂରକ ପଠନ ସାମଗ୍ରୀରୁ ଏକ ଗଦ୍ୟାଂଶକୁ ନିଅନ୍ତୁ । ଶିକ୍ଷାର୍ଥୀମାନଙ୍କୁ ଏହି ଗଦ୍ୟାଂଶକୁ ଆହୁରି ବଢ଼ାଇବା ପାଇଁ, ଅର୍ଥପୂର୍ଣ୍ଣ ବାକ୍ୟ ସବୁ ଯୋଗ କରିବାକୁ କୁହନ୍ତୁ ।

**ପଦ୍ଧତି :** ଏହି ସମସ୍ୟାକୁ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ପିଲାକୁ କରିବାକୁ ଦିଆଯାଉ । ଶିକ୍ଷାର୍ଥୀମାନେ ଏବେ ତାଙ୍କର ପୂରା ଗଦ୍ୟାଂଶଟିକୁ ଶ୍ରେଣୀରେ ଉପସ୍ଥାପନ କରନ୍ତୁ । ଏହାକୁ ଆଲୋଚନା କରାଯିବ । ଏଥିରେ ଶିକ୍ଷାର୍ଥୀଙ୍କର ରଚନା କୌଶଳକୁ ମୂଲ୍ୟାୟନ କରାଯିବ ।

Paragraph

Once there was a lion who was the king of the forest. He was a very powerful animal. All the animals were afraid of him. They sent a new animal to him for his daily food. One morning the lion decided to hold a royal court. So he asked the jackal to be his minister. He selected the old leopard as his body guard. In the meeting the lion agreed to behave with all the animals like friend.

ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ, ଜଣଙ୍କ ପରେ ଜଣେ, ଗୋଟିଏ ଲେଖାଏଁ ବାକ୍ୟ ମିଶାଇ ଚାଲନ୍ତୁ ଗପଟିକୁ ବଢ଼ାଇବା ପାଇଁ । ଗପଟି ପୂରା ହୋଇସାରିବା ପରେ, ଶିକ୍ଷାର୍ଥୀଙ୍କୁ ଗପଟିକୁ ପୂରା କରିବାର ପଦ୍ଧତିକୁ ବତାଇବାକୁ କୁହନ୍ତୁ ଓ ଚରିତ୍ର ଅନୁସାରେ ଏକ ଅଭିନୟ କରିବା ପାଇଁ ଆଲୋଚନା, ବିଚାର ବିମର୍ଶକୁ ଜାରୀ ରଖିବାକୁ କୁହନ୍ତୁ । ଶିକ୍ଷକ, ଶିକ୍ଷାର୍ଥୀକୁ ସଂଳାପ (dialague) କାର୍ଡ ତିଆରି କରିବାକୁ ସହାୟତା କରିପାରନ୍ତି । ପରିଶେଷରେ କେତେକ ଖୋଲା (open ended) ପ୍ରଶ୍ନ ପଚାରନ୍ତୁ । ଶିକ୍ଷାର୍ଥୀଙ୍କ ପ୍ରଦର୍ଶନକୁ ପର୍ଯ୍ୟବେକ୍ଷଣ କରନ୍ତୁ । ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଯାହାର ପ୍ରଦର୍ଶନ ଭଲ ହୁଏ ତାହାକୁ ପ୍ରଶଂସା କରନ୍ତୁ । ଆପଣ ଧ୍ୟାନ ଦିଅନ୍ତି କି ଶିକ୍ଷାର୍ଥୀମାନେ ଜ୍ଞାନର ସଂଗଠନ କେଉଁ କେଉଁ ଭାବରେ କରିଥାଆନ୍ତି ।

**ସଂଗଠନାତ୍ମକ ପନ୍ଥାର ବିଶେଷତ୍ୱ :**

ଯଦି ଜଣେ ସଂଗଠନାତ୍ମକ ଶ୍ରେଣୀ କକ୍ଷକୁ ନିରୀକ୍ଷଣ କରନ୍ତି, ସେ ନିମ୍ନଲିଖିତ ବିଷୟକୁ ଦେଖିଥାଆନ୍ତି ।

- ଶିକ୍ଷାର୍ଥୀମାନେ ସକ୍ରିୟ ଭାବରେ ଶିକ୍ଷଣ କ୍ରିୟାରେ ମଜ୍ଜିଯାଆନ୍ତି ।
- ଗଣତାନ୍ତ୍ରିକ ବାତାବରଣ ଥାଏ ।
- କାର୍ଯ୍ୟକଳାପଗୁଡ଼ିକ ପ୍ରତିକ୍ରିୟାପୂର୍ଣ୍ଣ ଓ ଶିକ୍ଷାର୍ଥୀ କୈନ୍ଦ୍ରିକ ହୁଏ ।
- ଶିକ୍ଷକ ଶିକ୍ଷଣକାର୍ଯ୍ୟକୁ ସହାୟତା କରିଥାଆନ୍ତି, ଯେଉଁଥିରେ ଶିକ୍ଷାର୍ଥୀମାନେ ଉତ୍ସାହିତ ହୋଇ ଜଣେ ଦାୟିତ୍ୱବାନ ସଭ୍ୟ ଭାବରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି ।

ଟିପ୍ପଣୀ

- ଶିକ୍ଷାର୍ଥୀମାନେ ନିଜ ଅନୁଭୂତିରୁ ଅର୍ଥ ତିଆରି କରନ୍ତି ।
- ପ୍ରକ୍ରିୟା, ଫଳାଫଳ ସହିତ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ।
- ଶିକ୍ଷଣ ଉପରେ ଧ୍ୟାନ ଦିଆଯାଏ, ଶିକ୍ଷାଦାନ ଉପରେ ନୁହେଁ ।

**ସଂଗଠନାତ୍ମକ ଆକଳନ (Constructivist Assessment) :** ଗୋଟିଏ ପରଂପରାଗତ ଶ୍ରେଣୀ କକ୍ଷ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ସାରିବା ପରେ, ଶିକ୍ଷକ କେତେକ ପ୍ରଶ୍ନୋତ୍ତର କରିଥାନ୍ତି ଓ ସମ୍ଭାବିତ ଉତ୍ତର ଆଶା କରନ୍ତି । ସଂଗଠନାତ୍ମକ ଶ୍ରେଣୀରେ ପ୍ରକ୍ରିୟା ଫଳାଫଳ ପରି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଆକଳନ କେବଳ ପରୀକ୍ଷଣ ଉପରେ ନିର୍ଭର କରେ ନାହିଁ । ଆହୁରି ମଧ୍ୟ ଶିକ୍ଷାର୍ଥୀଙ୍କ କାର୍ଯ୍ୟ ଉପରେ ନିର୍ଭର କରେ, ସେମାନେ କିଭଳି ପ୍ରତିକ୍ରିୟା ଦେଖାନ୍ତି, ସେମାନେ କିଭଳି ଗୋଟିଏ ବିଷୟରେ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ।

କେତେକ ଆକଳନର ପନ୍ଥା ନିମ୍ନରେ ଦିଆଯାଇଅଛି :

- ମୌଖିକ ଆଲୋଚନା : ଖୋଲାଖୋଲି ଆଲୋଚନା ପାଇଁ, ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନକୁ କଳାପଟାରେ ଲେଖିଦିଅନ୍ତି । ଯେତେବେଳେ ଶିକ୍ଷାର୍ଥୀମାନେ ଆଲୋଚନାରେ ଭାଗ ନିଅନ୍ତି ସେ ପ୍ରତ୍ୟେକ ପିଲାର ବ୍ୟକ୍ତିଗତ ପ୍ରଦର୍ଶନକୁ ପର୍ଯ୍ୟବେକ୍ଷଣ କରନ୍ତି ।
- ଆବେଗର ଚିତ୍ରଣ : ଏହି କ୍ରିୟାରେ, ଶିକ୍ଷାର୍ଥୀମାନେ, ପ୍ରସଙ୍ଗରେ ଜଡ଼ିତ ଧାରଣାଗୁଡ଼ିକୁ ତାଲିକା କରନ୍ତି ଓ ବର୍ଗୀକରଣ କରନ୍ତି ।
- ହାତ ପାହାନ୍ତରେ ଥିବା କାର୍ଯ୍ୟ ମାଧ୍ୟମରେ (Hands On activities) : ଶିକ୍ଷାର୍ଥୀମାନେ ପରିବେଶ ସହିତ ପ୍ରତିକ୍ରିୟା କରିବାପାଇଁ ଉତ୍ସାହିତ ହୋଇଥାଆନ୍ତି କିମ୍ବା ବସ୍ତୁର ପରିଚାଳନା କରନ୍ତି । ଶିକ୍ଷକ ଶିକ୍ଷାର୍ଥୀଙ୍କର ପ୍ରଦର୍ଶନକୁ ବା ପର୍ଯ୍ୟବେକ୍ଷଣ ଖସଡା (Check list) ବ୍ୟବହାର କରି ପଞ୍ଜୀକରଣ କରନ୍ତି ।
- ପୂର୍ବ-ପରୀକ୍ଷଣ (Pre-testing) ଗୋଟିଏ ନୂତନ ପାଠ ସହିତ ପରିଚିତ ହେବା ପୂର୍ବରୁ ଶିକ୍ଷାର୍ଥୀ, କେଉଁ ସ୍ଥାନରେ ଅଛନ୍ତି ତାହା ଜାଣିବା ପାଇଁ ଶିକ୍ଷକଙ୍କ ଦ୍ୱାର ପୂର୍ବପରୀକ୍ଷଣ (Pre-testing) କରାଯାଏ ।

**ପ୍ରାସଙ୍ଗିକତା :** ଶିକ୍ଷାର୍ଥୀ ଅଧିକ ଶିକ୍ଷଣ ଲାଭ କରନ୍ତି ଓ ଶିକ୍ଷଣକୁ ଅଧିକ ଉପଭୋଗ କରନ୍ତି । ଯେହେତୁ ସେମାନେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାଆନ୍ତି । ସେମାନେ ଶ୍ରେଣୀରେ ନିଷ୍କ୍ରିୟ ଶ୍ରୋତା ନୁହନ୍ତି । ଅଭିନୟ ମାଧ୍ୟମରେ ଶିକ୍ଷଣ ଅପେକ୍ଷା ଭାବ, ବୋଧ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସଂଗଠନାତ୍ମକ ଶ୍ରେଣୀରେ ପ୍ରତ୍ୟେକ ପିଲା ଶିକ୍ଷଣକାର୍ଯ୍ୟର ଏକ ଅଂଶ ବିଶେଷ ଭାବରେ ପରିଗଣିତ ହୋଇଥାଆନ୍ତି । ଏହାର କାରଣ ପ୍ରତ୍ୟେକ ପିଲା, ଶିକ୍ଷଣ କାର୍ଯ୍ୟରେ, ତାଙ୍କର ଭାବ ଓ ଧାରଣା ଆଦିରେ ସାହାଯ୍ୟ କରିଥାଆନ୍ତି । ତେଣୁ ଶିକ୍ଷାର୍ଥୀ, ଶିକ୍ଷଣ ଲାଭରେ ସ୍ୱତ୍ତାଧିକାରୀ ହୋଇଥାଆନ୍ତି । ଏବେ ଏହି ସବୁ କାର୍ଯ୍ୟ ଏକ ପରମ୍ପରାଗତ ଶ୍ରେଣୀରେ ହୋଇଥାଏ କି ?

**ବ୍ୟତିକ୍ରମ ଦିଗ (Limitation) :** ଏକ ସଂଗଠନାତ୍ମକ ଶ୍ରେଣୀରେ, ଶ୍ରେଣୀ ଗଠନରେ, ଶିକ୍ଷକ / ଶିକ୍ଷୟିତ୍ରୀମାନେ ଏତେ ବେଶୀ ସକ୍ଷମ ନୁହଁନ୍ତି । ଉପଯୁକ୍ତ ନିର୍ଦ୍ଦେଶ ବିନା ଏହା କାର୍ଯ୍ୟକାରୀ ହୁଏନାହିଁ । ଯଦି ଜଣେ ଶିକ୍ଷକ, ପାରଦର୍ଶିତା ହାସଲ କରିନାହାନ୍ତି ତେବେ ଏହା କାର୍ଯ୍ୟକାରୀ ହୁଏନାହିଁ । ଯଦି ଜଣେ ଶିକ୍ଷକ, ପ୍ରବୀଣ ଅଟନ୍ତି କିନ୍ତୁ ଶିକ୍ଷାର୍ଥୀମାନେ ନିମ୍ନସ୍ତରର ହୋଇଥାଆନ୍ତି, ସଂଗଠନାତ୍ମକ ଶ୍ରେଣୀର ଉଦ୍ଦେଶ୍ୟ ବିଫଳ ଲାଭ କରେ ।

## ୨.୩ ପନ୍ଥାଗୁଡ଼ିକର ତୁଳନା :

ଶିକ୍ଷଣ ଓ ଶିକ୍ଷାଦାନ ପାଇଁ ତିନିଟି ମୁଖ୍ୟ ପନ୍ଥାର ଏକ ବିସ୍ତୃତ ତୁଳନାତ୍ମକ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଅଛି ।

| ସୂଚକ | ଶିକ୍ଷକ କୈନ୍ଦ୍ରିକ ପନ୍ଥା | ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା | ସଂଗଠନାତ୍ମକ ପନ୍ଥା |
|---|---|---|---|
| ଉଦ୍ଦେଶ୍ୟ | ଶିକ୍ଷକ କୈନ୍ଦ୍ରିକ ପନ୍ଥାରେ ବିଷୟବସ୍ତୁକୁ ସମୟ ଅବଧିରେ ସମାପ୍ତ କରିବା ଦରକାର । | ପ୍ରତ୍ୟେକ ପିଲା ଗୋଟିଏ କରି ଶିଖେ । | ଶିକ୍ଷାର୍ଥୀ ସଶକ୍ତିକରଣ କେନ୍ଦ୍ର ବିନ୍ଦୁ ଅଟେ । ସଂଗଠନାତ୍ମକ ଶ୍ରେଣୀ କକ୍ଷ, ଶିକ୍ଷାର୍ଥୀଙ୍କୁ ସ୍ୱୟଂ ଜ୍ଞାନ ସୃଜନ କରିବାରେ ସହାୟତା କରିଥାଏ । |



ଟିପ୍ପଣୀ

| ସୂଚକ | ଶିକ୍ଷକ କୈନ୍ଦ୍ରିକ ପନ୍ଥା | ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା | ସଂଗଠନାତ୍ମକ ପନ୍ଥା |
|---|---|---|---|
| ଶିକ୍ଷଣ ଓ ଶିକ୍ଷାଦାନର ଶୈଳୀ | ଶିକ୍ଷଣର କେବଳ ଗୋଟିଏ ଶୈଳୀ ପ୍ରଚଳିତ ଅଟେ । ଶିକ୍ଷକ ସୂଚନା ପ୍ରଦନ କରନ୍ତି ଓ ବିଦ୍ୟାର୍ଥୀ ତାହାକୁ ଘୋଷି ମୁଖସ୍ତ କରନ୍ତି । | ଶିକ୍ଷକ, ଶିକ୍ଷଣ ପରିସ୍ଥିତି ସୃଷ୍ଟି କରନ୍ତି, ଯାହା ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ ସାହାଯ୍ୟରେ ପ୍ରଶ୍ନ ପଚାରିବା ଓ ଖୋଜିବା ଆଦିରେ ସୁଯୋଗ ଦିଆଯାଏ । | ଶିକ୍ଷଣ କାର୍ଯ୍ୟ ଶିକ୍ଷାର୍ଥୀଙ୍କର ନିଜସ୍ୱ ଶୈଳୀରେ ପୂରା କରାଯାଏ । ସହଯୋଗୀ ଶିକ୍ଷଣକୁ ସ୍ଥାନ ଦିଆଯାଏ |
| ଅଭ୍ୟାସ କାର୍ଯ୍ୟ | ପାଠ୍ୟ ପୁସ୍ତକରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଘୋଷା ମାଧ୍ୟମରେ ପାଠ ହୋଇଥାଏ । | ଶିକ୍ଷାର୍ଥୀ ବିଭିନ୍ନ ପ୍ରକାର କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି । | ଶ୍ରେଣୀ ପୂର୍ଣ୍ଣରୂପେ ପ୍ରତି କ୍ରିୟାଶୀଳ ହୋଇଥାଏ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ହୋଇଥାଏ । |
| କାର୍ଯ୍ୟ ସଂପାଦନର ସ୍ୱରୂପ | ଏକ ପାଖିଆ ସଞ୍ଚାଳନ ହୁଏ । ଶିକ୍ଷାର୍ଥୀ ନିଷ୍କ୍ରିୟ ହୋଇ ବସନ୍ତି ଓ ଶିକ୍ଷକଙ୍କଠାରୁ ଶୁଣନ୍ତି । | ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ ଶିକ୍ଷକ ଓ ନିଜର ସହପାଠୀଙ୍କ ସହ ପ୍ରତିକ୍ରିୟା କରନ୍ତି । | ଶିକ୍ଷାର୍ଥୀମାନେ ସକ୍ରିୟାତ୍ମକ କାର୍ଯ୍ୟ କରନ୍ତି ଓ ଶିକ୍ଷକମାନେ ସହାୟତା କରିଥାଆନ୍ତି । |
| ଆଦାନ-ପ୍ରଦାନ ପ୍ରକ୍ରିୟା | ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କୌଣସି ଆଦାନ-ପ୍ରଦାନ ପ୍ରକ୍ରିୟା ହୁଏ ନାହିଁ । ଶିକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ଧାରଣ ସହ କୈନ୍ଦ୍ରିତ ହୁଏ । ବେଳେ ବେଳେ ଦଳଗତ କାର୍ଯ୍ୟ ହୁଏ । | ଶିକ୍ଷାର୍ଥୀ ଉଭୟ ବ୍ୟକ୍ତିଗତ ଓ ଦଳଗତ ଭାବରେ କାର୍ଯ୍ୟ କରନ୍ତି, ଆଲୋଚନା କରନ୍ତି, ସହଯୋଗ ଆଦାନ-ପ୍ରଦାନ ଓ ବିଚାର ବିମର୍ଷ କରନ୍ତି । | ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରନ୍ତି ତଥା ତାହାକୁ ଦଳରେ ଉପସ୍ଥାପନ କରି ଆଲୋଚନା କରନ୍ତି ଓ ଜ୍ଞାନ ସଂଗଠନ କରିଥାଆନ୍ତି । |

ଟିପ୍ପଣୀ

| ସୂଚକ | ଶିକ୍ଷକ କୈନ୍ଦ୍ରିକ ପନ୍ଥା | ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା | ସଂଗଠନାତ୍ମକ ପନ୍ଥା |
|---|---|---|---|
| ଶ୍ରେଣୀକକ୍ଷ ବାତାବରଣ | ପରାମର୍ଶ ନେବାପାଇଁ ବହୁତ କମ୍ ସ୍ୱାଧୀନତା ଦିଆଯାଇଥାଏ, ଶିକ୍ଷାର୍ଥୀମାନଙ୍କୁ ଦବା ଦିଆଯାଏ । | ଶ୍ରେଣୀକକ୍ଷର ବାତାବରଣ ଗଣତାନ୍ତ୍ରିକ ଅଟେ । | ଶ୍ରେଣୀକକ୍ଷର ବାତାବରଣ ଗଣତାନ୍ତ୍ରିକ ଅଟେ । |
| ପ୍ରଶ୍ନ ପଚାରିବା | ଯେହେତୁ ଶିକ୍ଷାର୍ଥୀଙ୍କୁ ଅନୁମତି ଦିଆଯାଏ ନାହିଁ । ସେମାନେ କେବେ ବି ପ୍ରଶ୍ନ ପଚାରନ୍ତି ନାହିଁ । | ଶିକ୍ଷାର୍ଥୀମାନେ ପ୍ରଶ୍ନ ପଚାରିବାର ସ୍ୱାଧୀନତା ପାଇଥାଆନ୍ତି । | ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରିବାକୁ ପ୍ରୋତ୍ସାହିତ କରାଯାଏ ଓ ସେମାନଙ୍କୁ ପ୍ରଶ୍ନ ତିଆରି କରିବା ପାଇଁ ଏକ ଗଦ୍ୟାଂଶ ଦିଆଯାଏ । |
| ପ୍ରକଳ୍ପ କାର୍ଯ୍ୟ | ଶିକ୍ଷାର୍ଥୀମାନେ ପ୍ରକଳ୍ପ କାର୍ଯ୍ୟ ସହିତ ସଂପୃକ୍ତ ନୁହଁନ୍ତି । | ଶିକ୍ଷାର୍ଥୀମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ଦିଆଯାଏ ଓ ଶିକ୍ଷକଙ୍କ ସହାୟତାରେ ତାହା କରିବାକୁ କୁହାଯାଏ । | ବ୍ୟକ୍ତିଗତ ଭାବରେ ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ପ୍ରକଳ୍ପ କାର୍ଯ୍ୟକୁ କରିଥାଆନ୍ତି । |

## ୨.୪ ସାରାଂଶ

ଶ୍ରେଣୀକକ୍ଷର ପରିସ୍ଥିତିରେ, ସଂପୂର୍ଣ୍ଣ ଶିକ୍ଷାଦାନ-ଶିକ୍ଷଣରେ ଶିକ୍ଷାର୍ଥୀ, ଶିକ୍ଷକ ଓ ପାଠ୍ୟବସ୍ତୁ ସମ୍ମିଳିତ ହୋଇ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ତିଆରି କରନ୍ତି । ପ୍ରତ୍ୟେକ ପନ୍ଥାର ଉପଯୋଗିତା ଓ ଦୋଷଦୁର୍ବଳତା ରହିଛି । ଆମର ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ ବିଭିନ୍ନ ପନ୍ଥା କିଭଳି ସହାୟତା କରିଥାଏ, ତାହା ଦୃଷ୍ଟି ଦେବା ଉଚିତ । ଏହି ଅଧ୍ୟାୟରେ ଶିକ୍ଷାଦାନ ଓ ଶିକ୍ଷଣ ସହିତ ସଂପର୍କିତ ପ୍ରକ୍ରିୟା ଯଥା: - ଶିକ୍ଷକ-କୈନ୍ଦ୍ରିକ ପନ୍ଥା, ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥା, କାର୍ଯ୍ୟଭିତ୍ତିକ ପନ୍ଥା, ଦକ୍ଷତା ଆଧାରିତ ପନ୍ଥା ଓ ସଂଗଠନାତ୍ମକ ପନ୍ଥା ଆଦିର ଚର୍ଚ୍ଚା କରାଯାଇଛି ।





- ପରମ୍ପରାଗତ ଶିକ୍ଷକ-କୈନ୍ଦ୍ରିକ ପନ୍ଥାରେ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ଆଧିପତ୍ୟ ଥାଏ । ଏଥିରେ ପାଠ୍ୟବସ୍ତୁ ତିଆରି, ଶ୍ରେଣୀ ସମ୍ପାଦନ ଏବଂ ଶିକ୍ଷଣ ସଂପର୍କିତ ଆଦି ପ୍ରତ୍ୟେକ କାର୍ଯ୍ୟରେ ଶିକ୍ଷକଙ୍କ ଭୂମିକା ନିର୍ଣ୍ଣାୟକ ହୋଇଥାଏ ।
- ପାଠ୍ୟପୁସ୍ତକ ବା ବିଷୟ କୈନ୍ଦ୍ରିକ ପନ୍ଥାରେ ନିର୍ଦ୍ଧାରିତ ବିଷୟବସ୍ତୁକୁ ସ୍ୱତନ୍ତ୍ର ଭାବରେ ଯେଉଁଗୁଡ଼ିକ ବର୍ଣ୍ଣିତ ହୋଇଛି ଓ ପାଠ୍ୟ ପୁସ୍ତକରେ ରହିଛି, ଯଥା ସେଗୁଡ଼ିକ ସମ୍ପୂର୍ଣ୍ଣ କରିବାରେ ଗୁରୁତ୍ୱ ଦିଆଯାଏ । ଏହି ପନ୍ଥା ବେଶୀ ପରିମାଣରେ ଘୋଷି ମନେ ରଖିବାକୁ ଉତ୍ସାହିତ କରେ ଏବଂ ଠିକ୍ ସମୟରେ ପାଠ ସାରିବାକୁ ଅନ୍ୟ ଶିକ୍ଷଣ ଫଳାଫଳକୁ ଉପେକ୍ଷିତ କରିଥାଏ ।
- ଶିକ୍ଷାର୍ଥୀ-କୈନ୍ଦ୍ରିକ ପନ୍ଥାରେ, ଶିକ୍ଷାର୍ଥୀଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ, ଶିକ୍ଷଣ ହେଉଛି ବିକଳ୍ପ ଉଦ୍ଦେଶ୍ୟ । କାର୍ଯ୍ୟଭିତ୍ତିକ ଶିକ୍ଷଣ ଏହି ପନ୍ଥାର ଏକ ଉଦାହରଣ, ଯାହାକି ବର୍ତ୍ତମାନ, ବହୁତ ବିଦ୍ୟାଳୟରେ ଅନୁସରଣ କରୁଛନ୍ତି ।
- ଦକ୍ଷତାକୁ ପ୍ରାପ୍ତ କରିବା ବା ଶିକ୍ଷଣ ଫଳାଫଳ, ବିଭିନ୍ନ ସାଧନ ଓ ପଦ୍ଧତି ଦ୍ୱାରା ପ୍ରାପ୍ତ କରିବା, ଦକ୍ଷତା ଆଧାରିତ ପନ୍ଥାର ମୁଖ୍ୟ ଉଦ୍ଦେଶ୍ୟ ।
- ସଂଗଠନାତ୍ମକ ପନ୍ଥା ଏହି ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥାଏ, ଯେ ଶିକ୍ଷାର୍ଥୀ ନିଜର ଜ୍ଞାନକୁ ସଂଗଠନ ପୂର୍ବ ଅନୁଭୂତିକୁ ଆଧାର କରି ଏବଂ ସାମାଜିକ ବାତାବରଣ ସହିତ ପ୍ରତିକ୍ରିୟା କରି ସୃଷ୍ଟି କରିଥାନ୍ତି । ଶିକ୍ଷକଙ୍କର ଶିକ୍ଷଣରେ ସହାୟକ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ।
- ଏ ସମସ୍ତ ପନ୍ଥାଗୁଡ଼ିକର ସାପେକ୍ଷିକ ବିଶେଷତ୍ୱ ଓ ପରିସୀମା ରହିଛି । ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କର ଆବଶ୍ୟକତା ଅନୁସାରେ ଉପଯୁକ୍ତତାକୁ ଆଧାର କରି ଚୟନ କରିବାକୁ ପଡିଥାଏ ।

## ୨.୫ ପ୍ରଗତିର ମୂଲ୍ୟାୟନ ପାଇଁ ଆଦର୍ଶ ଉତ୍ତର

E.1 ପରିସ୍ଥିତି- ୨

E.2 ପରିସ୍ଥିତି-୩

E.3 B

E.4 A & C

E.5 b & c

E.6 i and iii

E.8 A

E.9 a, c, d, f & g ସଠିକ୍ ଉତ୍ତର ଓ b, e ଭୁଲ

E.10 III

E.11 B

## ୨.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- Department of Education (2004). Learning without burden : Report of the National Advisory Committee appointed by the MHRD, Govt. of India, New Delhi.
- NCERT (1991), Minimum Levels of Learning at Primary stage, NCERT, New Delhi
- NCERT (2005) National Curriculum Framework 2005, New Delhi : NCERT

ଟିପ୍ପଣୀ


- Schiro, Michael Stephin (2003). Curriculum theory : Conflicting visions and during concerns, New Delhi SAGE Publication
- Sharma. S. (2006). Constrructivisit approaches to teaching and learning, New Delhi, NCERT.


## ୨.୭ ପାଠାନ୍ତ ପ୍ରଶ୍ନାବଳୀ

୧. ବିଷୟ କୈନ୍ଦ୍ରିକ ପନ୍ଥା ଓ ଦକ୍ଷତାଭିତ୍ତିକ ପନ୍ଥାର ତୁଳନା କରନ୍ତୁ ।

୨. ଶିକ୍ଷକ କୈନ୍ଦ୍ରିକ ପନ୍ଥା ଓ ସଂଗଠନାତ୍ମକ ପନ୍ଥାର ତୁଳନା କରନ୍ତୁ ।

୩. ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାରେ କ'ଣ ଲାଭ ହୁଏ ? ଏହାର ବ୍ୟତିକ୍ରମ ଦିଗ (Limitation) କ'ଣ ?

୪. ସଂଗଠନାତ୍ମକ ପନ୍ଥାରେ ମୁଖ୍ୟ ପ୍ରକାରର ଆକଳନ ଗୁଡ଼ିକ କ'ଣ କ'ଣ ?